Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 54
Monday, 27 April 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨୭ ଅପ୍ରେଲ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

'ମାଆ, ମାଟି, ମାନୁଷ'ଙ୍କୁ ଧୋକା ଦେଇଛି ତୃଣମୂଳ କଂଗ୍ରେସ: ପ୍ରଧାନମନ୍ତ୍ରୀ

କୋଲକାତା, ୨୬/୪(ନ୍ୟୁ.ଏ): ମା', ମାଟି ଓ ମାନୁଷ କଥା କହି କ୍ଷମତାକୁ ଆସିଥିବା ତୃଣମୂଳ କଂଗ୍ରେସ । କିନ୍ତୁ ସେହି ମା', ମାଟି ଓ ମାନୁଷଙ୍କୁ ଧୋକା ଦେଇଛି ତୃଣମୂଳ କଂଗ୍ରେସ । ଗୁରୁବାର ଏମିତି କହି ପଶ୍ଚିମବଙ୍ଗର ତୃଣମୂଳକ କଂଗ୍ରେସ ସରକାରଙ୍କୁ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଉତର ୨୪ ପରଗନାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ପଶ୍ଚିମବଙ୍ଗରେ ହେଉଥିବା ବିଧାନସଭା ନିର୍ବାଚନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । କିନ୍ତୁ ଆପଣମାନେ ଗୋଟିଏ କଥା ନିଶ୍ଚିତ ଲକ୍ଷ୍ୟ କରିଥିବେ । ୧୫ ବର୍ଷ ତଳେ ମା', ମାଟି ଓ ମାନୁଷ କଥା କହି ଟିଏମ୍‌ସି କ୍ଷମତାକୁ ଆସିଥିଲା । କିନ୍ତୁ ଏବେ ସେମାନେ ଏହି ଶବ୍ଦଗୁଡ଼ିକୁ ପାଟିରେ ନେବ ନାହାନ୍ତି । ମୁଁ ଆପଣମାନଙ୍କୁ କହୁଛି ଏହା ପଛର କାରଣ । ଯଦି ଏହି ଲୋକମାନେ ଏହି ଶବ୍ଦଗୁଡ଼ିକୁ କହିବେ, ସେମାନଙ୍କ ପାପ ଧରାପଡ଼ିଯିବ । ଟିଏମ୍‌ସି ମା'କୁ କହିଛନ୍ତି, ମାଟିକୁ ଅନୁପ୍ରବେଶକାରୀଙ୍କ ହାତକୁ ଟେକି ଦେଇଛି ଓ ମାନୁଷକୁ ପଶ୍ଚିମବଙ୍ଗ ଛାଡ଼ି ପଳାଇବାକୁ ବାଧ୍ୟ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟ ଭୋଟ୍ ପରେ ତୃଣମୂଳ କଂଗ୍ରେସର ଆତ୍ମବିଶ୍ୱାସକୁ ବଡ଼ ଧକ୍କା ଲାଗିଛି । ସେ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ଭୋଟିଂରେ ପଶ୍ଚିମବଙ୍ଗ ଚମତ୍କୃତ କରିଛି । ତୃଣମୂଳ କଂଗ୍ରେସର ଅହଙ୍କାର ଭାଙ୍ଗି ଚୂରମାର ହୋଇଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂ ପରେ ବିଜେପି ଏଠାରେ ସରକାର ଗଢ଼ିବ ବୋଲି ନିଶ୍ଚିତ ହୋଇଯିବ । ସୂଚନାଯୋଗ୍ୟ, ଏପ୍ରିଲ ୨୩ ତାରିଖରେ ପଶ୍ଚିମବଙ୍ଗର ୧୫୨ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଥିଲା । ଏହି ପର୍ଯ୍ୟାୟରେ ୯୩% ଭୋଟିଂ ହୋଇଥିଲା । ବେଳାଗୀ ସମସ୍ୟା ଓ ଯୁବବର୍ଗଙ୍କ ସହିତ ଜଡ଼ିତ ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିବେ ପ୍ରଧାନମନ୍ତ୍ରୀ । ସେ କହିଥିଲେ, ପଶ୍ଚିମବଙ୍ଗର ଯୁବବର୍ଗ ପ୍ରତିଭାବାନ । ପଶ୍ଚିମବଙ୍ଗ ହେଉଛି ସ୍ପନ୍ଦନଶୀଳତାର ରାଜ୍ୟ । ବିଜେପି ପଶ୍ଚିମବଙ୍ଗର ଯୁବବର୍ଗଙ୍କ ସ୍ପନ୍ଦନଶୀଳତାକୁ ବୃଦ୍ଧି କରିବ । ଆଜିକାଲି ସୋଶାଲ ମିଡିଆରେ ପଶ୍ଚିମବଙ୍ଗର ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ମ୍ୟୁଜିକ ଗିତିଗୁଡ଼ିକ କହୁତ ପ୍ରଶଂସା ସାଉଁଛନ୍ତି । ମୁଁ ମଧ୍ୟ କିଛି ରିଲ୍ ଦେଖିଛି । ଏହା ସ୍ୱାଭାବିକ କଥା ଯେ ଯେଉଁମାନେ ଝାଙ୍କମୁଡ଼ି ଦେଖି ବିରକ୍ତ ହୁଅନ୍ତି, ସେମାନେ ପଶ୍ଚିମବଙ୍ଗର ଯୁବବର୍ଗଙ୍କ ସ୍ପନ୍ଦନଶୀଳତାକୁ ପସନ୍ଦ କରନ୍ତି ନାହିଁ । ସେହିପରି ପଶ୍ଚିମବଙ୍ଗର କ୍ରୀଡ଼ା ସଂସ୍କୃତିକୁ ଟିଏମ୍‌ସି ନଷ୍ଟ କରି ଦେଇଛି ବୋଲି କହିଥିଲେ ପ୍ରଧାନମନ୍ତ୍ରୀ । ବିଜେପି ସରକାର ଗଠନ କଲେ ପଶ୍ଚିମବଙ୍ଗର କ୍ରୀଡ଼ା ସଂସ୍କୃତିକୁ ଏକ ନୂଆ ଦିଗ ଦେବ । ଜିକରେରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ଏକାଧିକ ଗାଳି କଢିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ମଧ୍ୟ ସେଠାରେ ପ୍ରଚାର କରୁଛନ୍ତି । ଦଳ ଏଥର ସେଠାରେ ସରକାର କରିବ ବୋଲି ଏହି ଦୁଇ ନେତା ଦୃଢ଼ ବିଶ୍ୱାସ ରଖିଛନ୍ତି । ଏପ୍ରିଲ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନ ପାଇଁ ଭୋଟ୍ ଗ୍ରହଣ ଶେଷ ହୋଇଥିବା ବେଳେ ଏପ୍ରିଲ ୨୯ ତାରିଖରେ ୧୪୨ଟି ଆସନ ପାଇଁ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ ।

ଟ୍ରମ୍ପଙ୍କ ପାର୍ଟିରେ ତାଣ୍ଡବ, ଡିନର ଟେବୁଲ ପାଖରେ ଫୁଟିଲା ବୁଲେଟ୍

ୱାଶିଂଟନ, ୨୬/୪(ନ୍ୟୁ.ଏ): ସମୟ ରାତି ସାଢେ ୮ଟା । ସବୁ ବର୍ଷ ପରି ଏଥର ବି ଆମେରିକାର ହିଲଟନ ହୋଟେଲରେ ଚାଲିଥିବା ହାଇଟ ହାଉସ କରେସ୍‌ପଣ୍ଡେଣ୍ଟ ଡିନର ପାର୍ଟି । ଉପସ୍ଥିତ ଥିଲେ ବିଶ୍ୱର କ୍ଷମତାଶାଳୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସାଙ୍ଗରେ ଥିଲେ ପତ୍ନୀ ମିଲେନିଆ, ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଅନେକ ଜନାଗରୁ ଅଧିକ ସାମ୍ବାଦିକ । ହାଇଟ ହାଉସର ବରିଷ୍ଠ ଅଧିକାରୀ ବି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସମସ୍ତେ ଡିନର ପାର୍ଟିର ମଜା ଉଠାଉଥିଲେ । ଅପେକ୍ଷା କରିଥିଲେ ରାଷ୍ଟ୍ରପତିଙ୍କ ସମ୍ବୋଧନକୁ । ତାପୂର୍ବରୁ ହୋଟେଲ ଚାରିପଟେ ଗୁଳି ଶବ୍ଦ ସମସ୍ତଙ୍କୁ ଚକିତ କରିଛି । କେହି କିଛି ବୁଝିବା ଆଗରୁ ଅତିଥି ମାନେ ଏଣେ ତେଣେ ଦୌଡିବା ସହ ଖାଇବା ଟେବୁଲ ତଳେ ଲୋକେ ଲୁଚିଥିଲେ । ଟ୍ରମ୍ପ ଏବଂ ମିଲେନିଆଙ୍କୁ ଘେରିଯାଇଥିଲେ ସୁରକ୍ଷା କର୍ମୀ । ଏହି ସମୟରେ ଟ୍ରମ୍ପ ତଳେ ମଧ୍ୟ ପଡିଯାଇଥିଲେ । ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ରେଟ ସର୍ଭିସ ଏଜେଂଟ, ଏଫବିଆଇ ଓ ପୁଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ପ୍ରଥମେ ଡୋନାଲ୍ଡ ଟ୍ରମ୍ପ ଓ ମିଲେନିଆଙ୍କୁ ଉଦ୍ଧାର କରି ଛେଡି ରାନ୍ଚୁଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଥିଲେ ସିକ୍ରେଟ ସର୍ଭିସ ଅଧିକାରୀ । ଏପରିକି କିଛି ମିନିଟ ପରେ ଅଭିଯୁକ୍ତ ଧରାପଡିଥିଲା । ପୋଲିସ ତାକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି । ଘଟଣା ପରେ ପ୍ରତିକ୍ରିୟା ରଖିଥିଲେ ଟ୍ରମ୍ପ । ଏଇଭଳି ଘଟଣା ତାଙ୍କ ଆତ୍ମବିଶ୍ୱାସକୁ କମାଇ ପାରିବନି କହିଥିଲେ । ଗୁଳିକାଣ୍ଡ ଘଟଣାକୁ ସାରା ବିଶ୍ୱରେ ଚର୍ଚ୍ଚା । ଗୁଳିକାଣ୍ଡ କରିଥିବା ଯୁବକ କିଏ ? ଗୁଳିମାଡ଼ କରିଥିବା ଯୁବକ ହେଉଛନ୍ତି ୩୧ ବର୍ଷୀୟ କୋଲ୍ ଥୋମାସ୍ ଆଲେନ୍ । ସେ କାଲିଫର୍ଣ୍ଣିଆର କର୍ସିନ୍ଦା । ଟ୍ରମ୍ପଙ୍କ ଡିନର ପାର୍ଟି ଭିତରେ ପଶି ୫ଗୁ ୮ ରାଇଫଲ ଗୁଳି କରିଥିଲେ । ଥୋମାସ୍ ଆଲେନ୍ ଜଣେ ମେକାନିକାଲ୍ ଇଞ୍ଜିନିୟର । କାଲିଫର୍ଣ୍ଣିଆ ଷ୍ଟେଟ୍ ୟୁନିଭର୍ସିଟିରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ କରିଛନ୍ତି । ନାସାରେ ମଧ୍ୟ କିଛି ବର୍ଷ କାମ କରିଥିଲେ । ବଲ୍‌ରୁମରେ ଥିବା ଟ୍ରମ୍ପଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଆଲେନ୍‌ଙ୍କୁ ଏକ ସୁରକ୍ଷା ଚେକପଏଂଟରେ ଅଟକାଯାଇଥିଲା । ଏହି ସମୟରେ ଆଲେନ ଗୁଳି ଚଳାଇଥିଲେ । ଟ୍ରମ୍ପଙ୍କ ଉପରେ ଏଇଭଳି ଆକ୍ରମଣ ଯୋଜନା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଘଟଣା ପଛରେ ପ୍ରକୃତ ଘଟଣା ଏଯାଏଁ ଜଣାପଡିନି । ଏହି ଗୁଳିକାଣ୍ଡକୁ ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି କହିଛନ୍ତି ।

ଅସହ୍ୟ ତାତି : ଝାରସୁଗୁଡାରେ ତାପମାତ୍ରା ୪୪.୮ ଡିଗ୍ରୀ

ଭୁବନେଶ୍ୱର, ୨୬/୪(ଆ.ପ୍ର): ପଶ୍ଚିମରୁ ଉପକୂଳଓଡିଶା ସବୁଠି ତାତି । ପ୍ରଚଣ୍ଡ ଗୋଦାପରେ ଜଳୁଛି ଓଡିଶା । ଅସହ୍ୟ ଜଳାଶି ତାତି । ତାତିଅଡ଼େଇଗ୍ରିବର୍ଷା । ସକାଳ ୯ଟାରୁ ଗାଏଁ ଗାଏଁ ଖରା । ଗାଏଁ ଗାଏଁ ଖରାରେ ଜନଜୀବନ ଅସ୍ତବ୍ୟସ୍ତ । ଏମିତି ଝାଞ୍ଜି ମାଡ଼ୁ ହେଉଛି, ଦେହ, ମୁଡ଼ି ଜଳିଲା ଭଳି ଲାଗୁଛି । ଦିନକୁ ଦିନ ପାରଦ ଉପରମୁହାଁ ହେବାରେ ଲାଗିଛି । ଅଧିକାଂଶ ସହରରେ ତାତି ୪୨ ଡିଗ୍ରୀ ଉପରେ ରହୁଛି । ରବିବାର ଝାରସୁଗୁଡାରେ ରାଜ୍ୟର ଉତପ୍ତ ସହରରେ ପରିଣତ ହୋଇଛି । ସେଠାରେ ତାପମାତ୍ରା ୪୪.୮ ଡିଗ୍ରୀ ଛୁଇଁଛି । ସେହିପରି ସୋନପୁରରେ ୪୩.୭ ଡିଗ୍ରୀ, ଟିଟିଲାଗଡରେ ୪୩.୬ ଡିଗ୍ରୀ, ଭବାନୀପାଟଣାରେ ୪୩.୪ ଡିଗ୍ରୀ, ବଲାଙ୍ଗୀର ୪୩.୧ ଡିଗ୍ରୀ, ବେ?ଜ ୪୩.୧ ଡିଗ୍ରୀ, ସମ୍ବଲପୁର ୪୩ ଡିଗ୍ରୀ ତାପମାତ୍ରା ରହିଛି । ସୁନ୍ଦରଗଡରେ ୪୨.୮ ଡିଗ୍ରୀ, ରାଉରକେଲା ୪୨.୭ ଡିଗ୍ରୀ, ନୂଆପଡା ଓ ନୟାଗଡରେ ୪୨.୫ ଡିଗ୍ରୀ, ହାଲାଲୁଡ ୪୨.୪ ଡିଗ୍ରୀ, ତାଳଚେରରେ ୪୧.୫ ଡିଗ୍ରୀ, ଫୁଲବାଣୀରେ ୪୦.୪ ଡିଗ୍ରୀ, ଚରଗରେ ୪୦ ଡିଗ୍ରୀରେ ପାରଦ ପହଞ୍ଚିଛି ।

କାର୍ବନ ଥ୍ରୀଡି ଗ୍ଲାସ୍ ସବଷ୍ଟେଟ୍ ପ୍ୟାକେଜିଂ ସୁବିଧା ଏବେ ଓଡ଼ିଶାରେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬/୪(ଆ.ପ୍ର): ଭାରତର ପ୍ରଥମ କାର୍ବନ ଥ୍ରୀଡି ଗ୍ଲାସ୍ ସବଷ୍ଟେଟ୍ ପ୍ୟାକେଜିଂ ସୁବିଧା ଏବେ ଓଡ଼ିଶାରେ । ଆଜି ଆମେ ଯେଉଁ କାର୍ଯ୍ୟର ଶିଳାନ୍ୟାସ କଲୁ ଓଡ଼ିଶା ନୁହେଁ ଚଢ଼ଂ ସାରା ଭାରତର ଭବିଷ୍ୟତରେ ଏହା ପ୍ରଥମ ଥର । ଜଂଟେଲ, ଲଜହିଦ୍ ମାଟିନ୍ ଏବଂ ଆସ୍ଲୁ ଏଡ୍ ମ୍ୟାଟେରିଆଲ୍ ଭଳି ବିଶ୍ୱସ୍ତରୀୟ ମହାନ କମ୍ପାନୀଗୁଡ଼ିକ ୩ଡି ଗ୍ଲାସ୍ ସବ୍‌ଷ୍ଟ୍ରେଟ ପାଇଁ ସହଭାଗୀ ହୋଇଛନ୍ତି । ଯାହା ଆମ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝି । ସେହିଭଳି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆମ ଓଡ଼ିଶା ଏବେ ଗୋଟେ ଆଇଟି ଏବଂ ଟେକ୍ନୋଲୋଜିର ହବ୍ ହେବାକୁ ଯାଉଛି । ବର୍ଷ ବର୍ଷ ଧରି ମାଇନିଂ, ମେଟାଲ, ପଥୁରା ଏହି ସବୁ ଇଣ୍ଡଷ୍ଟ୍ରି ଥିଲା । ଏବେ କିନ୍ତୁ ହାଇଟେକ୍ ଇଣ୍ଡଷ୍ଟ୍ରିରେ ଓଡ଼ିଶା ଗୋଟେ ପଦକ୍ଷେପ ନେଇଛି । ଆଉ ଏହି ଯେଉଁ ପଦକ୍ଷେପ ନିଆଯାଇଛି ଆପଣ ଏହାକୁ ଗୁଳୁବୁ ଦେଖନ୍ତୁ ଆଜି ଯେଉଁ ଫ୍ଲାଟର ଫାଉଣ୍ଡେଶନ ଆମେ ଜଲେ ଏହା ବିଶ୍ୱର ମୋଷ୍ଟ ଆଡ୍‌ଭାନ୍ସ୍ ଟେକ୍ନୋଲୋଜି ଭିତରେ ଏହାକୁ ଗଣାଯାଏ । ନିଶ୍ଚିତ ଭାବେ ଆମର ଭବିଷ୍ୟତ ସୁନ୍ଦର ହେବ ।

ଓଡ଼ିଶାରେ ଜାପାନ ରାଷ୍ଟ୍ରଦୂତ ଖାଇଲେ ଡାଲମା

ଭୁବନେଶ୍ୱର, ୨୬/୪(ଆ.ପ୍ର): ଓଡ଼ିଆ ଭୋଜନ କରିବାକୁ ଜାପାନ ରାଷ୍ଟ୍ରଦୂତ ଓନୋ କେଇଚି ଭଲ ପାଆନ୍ତି । ଏଥର ଓଡ଼ିଶା ଗସ୍ତରେ ଆସିଥିବା କେଇଚି ରାତି ଡାଲମାର ମଜା ନେଇଛନ୍ତି । ଡାଲମା ଖାଇବାର ଖୁସିକୁ ସେ ସୋଶିଆଲ ମିଡିଆରେ ସେୟାର କରିଛନ୍ତି । ସେ କୁହେଁନ୍ତି ଯେ ଓଡ଼ିଶାରେ ଡାଲମା ଖାଇବାକୁ ଉପଭୋଗ କରିଛି । ବହୁତ ସ୍ୱାଦିଷ୍ଟ ଅଛି । ଦାଲ ଓଡ଼ିଶାର ସମୃଦ୍ଧ ରୋଷେଇ ସଂସ୍କୃତିର ଚମତ୍କାର ପ୍ରତିଫଳନ ଅଛି ବୋଲି ସେ କହିବା ସହ ଧନ୍ୟବାଦ ଓଡ଼ିଶା ବୋଲି ଲେଖିଛନ୍ତି । ତାଙ୍କ ସେହି ପୋଷ୍ଟକୁ ବହୁ ଲୋକ ଲାଇକ୍ କରିବା ସହ ଅନେକ ମତ ଦେଇଛନ୍ତି । କିଛି ଲୋକ ପଖାଳ, ଦହିବଡା ଖାଇବାକୁ ତାଙ୍କୁ ପରାମର୍ଶ ଦେଇଛନ୍ତି । ଓଡ଼ିଶା ଭୋଜନକୁ ପ୍ରଶଂସା କରିଥିବାକୁ ଅନେକ ଓଡ଼ିଆ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଜେଇଚିଙ୍କ ପୋଷ୍ଟକୁ ୪୦.୩ ହଜାରରୁ ଅଧିକ ଥର ଦେଖାଯାଇଛି । ତାହା ଉପରେ ୨.୧ହଜାର ଲାଇକ୍ ଓ ୬୦ରୁ ଅଧିକ କମେଂଟ ଆସିଛି । ସେହି ପୋଷ୍ଟକୁ ୨୩୦ରୁ ଅଧିକ ଥର ରିପୋଷ୍ଟ କରାଯାଇଛି । ଏହା ପୂର୍ବରୁ ସେ ଓଡ଼ିଶାର ଛେନାପୋଡ଼ ଖାଇ ତାହାକୁ ପ୍ରଶଂସା କରିଥିଲେ । ନିକଟରେ ସମ୍ବଲପୁରରେ ଅନୁଷ୍ଠିତ ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓ ଜାପାନର ଜେଏଫ୍‌ଇ ଷ୍ଟିଲ୍ ମଧ୍ୟରେ ଗଠିତ ଯେ?ଅ ଭେଚ୍ୟୋର ଉତ୍ପାଦନ ସମ୍ଭାରୋହରେ ଯୋଗଦେବାକୁ ସେ ଓଡ଼ିଶା ଆସିଥିଲେ । ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓଡ଼ିଶାରେ ୧୫ହଜାର କୋଟି ଟଙ୍କା ନିବେଶ କରିବ । ଏହା ହେଉଛି ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ଜାପାନର ସର୍ବବୃହତ୍ ପୁଞ୍ଜିନିବେଶ । ଜାପାନର ଅନ୍ୟତମ ଇସ୍ପାତ କମ୍ପାନି ନିପନ ଷ୍ଟିଲ୍ ଲକ୍ଷ୍ମୀ ମିତଲଙ୍କ କଂସ୍ଥା ଆର୍ସେଲର ମିତଲ ସହ ଯୌଥ ଉଦ୍ୟୋଗ ସ୍ଥାପନ କରି ଓଡ଼ିଶାର କେନ୍ଦ୍ରାପଡ଼ାରେ ଏକ ବୃହତ୍ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଉଦ୍ୟମ କରୁଛି ।

ରାଜସ୍ୱ ବିଭାଗର କଠୋର ଆଭିମୁଖ୍ୟ, ଅଫିସ୍ ବାହାରେ ପଞ୍ଜୀକରଣ ମନା

ଭୁବନେଶ୍ୱର, ୨୬/୪(ଆ.ପ୍ର): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦଲିଲ୍ ନିବନ୍ଧନ ତଥା ପଞ୍ଜୀକରଣର ସମ୍ଭାବ୍ୟ ଆଇନଗତ ବ୍ୟବସ୍ଥାରେ କଡ଼ା ନିୟମ ଜାରି କରାଯାଇଛି । ଏଣିକି ଜରୁରୀ ମାମଲା ଛାଡି ଅନ୍ୟ ନିବନ୍ଧନ ପ୍ରକ୍ରିୟା କାର୍ଯ୍ୟାଳୟ ବାହାରେ ପଞ୍ଜୀକରଣ ଉପରେ ରୋକ ଲାଗିଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏ ସଂକ୍ରାନ୍ତରେ ଲାଟ୍‌ସେପେଣ୍ଡର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନଙ୍କୁ ଜଣା ନିର୍ଦ୍ଦେଶ ଜାରି କରିଛନ୍ତି । ଦଲିଲ୍ ନିବନ୍ଧନ କିମ୍ବା ଜମା ପାଇଁ ବହୁ ସଂଖ୍ୟକ ମାମଲାରେ ଘରକୁ ଯାଇ ନିବନ୍ଧନ କାର୍ଯ୍ୟ ସମ୍ପାଦନ କରାଯାଉଥିବା ସରକାରଙ୍କ ନଜରକୁ ଆସିଛି । ଏହା ରାଜ୍ୟରୀୟ ନିବନ୍ଧନ ଆଇନ, ୧୯୦୮ ଏବଂ ଓଡ଼ିଶା ନିବନ୍ଧନ ନିୟମ, ୧୯୮୮ର ମୂଳ ଉଦ୍ଦେଶ୍ୟ ତଥା ରୂପରେଖ ଅନୁଯାୟୀ ସମ୍ପୂର୍ଣ୍ଣ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ ଉଲ୍ଲେଖ କରାଯାଇଛି । ଆଇନ୍ ଅନୁଯାୟୀ, ଘରେ ଯାଇ ନିବନ୍ଧନ କେବଳ ବିଶେଷ ସ୍ଥିତିରେ ଅନୁମୋଦନ କରାଯାଇପାରିବ । ଯଦି କୌଣସି ବ୍ୟକ୍ତି ଶାରୀରିକ ଅସୁସ୍ଥ ଆଇନଗତ ଗିରଫଦାରୀ କିମ୍ବା ଅନ୍ୟ କୌଣସି ଆବଶ୍ୟକତାବଶତଃ ନିବନ୍ଧନ କାର୍ଯ୍ୟାଳୟକୁ ଯିବାରେ ଅସମର୍ଥ, ସେହି ସ୍ଥିତିରେ ଏପରି ବ୍ୟବସ୍ଥା ଲାଗୁ ହେବ । କେବଳ ଏହି ସବୁ ପରିସ୍ଥିତି ପରିପ୍ରେକ୍ଷୀରେ ନିବନ୍ଧନ କର୍ମଚାରୀ ବ୍ୟକ୍ତିଙ୍କ ଘରକୁ ଯାଇ କାର୍ଯ୍ୟ ସମ୍ପାଦନ କରିବାର ଅଧିକାର ରହିଛି । ଏପରି ଘରୋଇ ନିବନ୍ଧନ ପୂର୍ବରୁ ଉଚିତ୍ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟରୁ ପୂର୍ବ ଅନୁମତି ନିଆଯିବା ଅନିବାର୍ଯ୍ୟ । ଜିଲ୍ଲା ମଧ୍ୟରେ ଥିଲେ ଏଡିଏମ୍ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କ ପାଖରୁ ଅନୁମତି ଆବଶ୍ୟକ । ଯଦି ଜଣେ ଜିଲ୍ଲା ବାହାରେ, କିନ୍ତୁ ରାଜ୍ୟ ଭିତରେ ଥିବେ ଏହି କ୍ଷେତ୍ରରେ ଜନ୍‌ସେପେଣ୍ଡର ଜେନେରାଲ ଅଫ ରେଜିଷ୍ଟ୍ରେସନ୍‌ଙ୍କ ଅନୁମତି ଆବଶ୍ୟକ । ଯଦି ରାଜ୍ୟ ବାହାରେ ଥିବେ ତେବେ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ହେବ । କେବଳ ପ୍ରକୃତ ଏବଂ ଯୁକ୍ତିସଙ୍ଗତ ମାମଲାରେ ଘରେ ଯାଇ ନିବନ୍ଧନ କରାଯିବ ଏବଂ ସମସ୍ତ କାଗଜ ତଥା ଦଲିଲ୍ ସମ୍ବନ୍ଧୀୟ କାଗଜପତ୍ରର ସଠିକ୍ ଯାଂଚ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି । ଏହି ବ୍ୟବସ୍ଥାର କୌଣସି ଲଙ୍ଘନ କଲେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ସେହିପରି ସମସ୍ତ ଏଡିଏମ୍ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ଏହି ଆଇନର କାର୍ଯ୍ୟକାରିତା ନେଇ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରାଯାଇଛି । ସରକାର ଦଲିଲ ନିବନ୍ଧନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧ ଓ ଆଇନଗତ ନିୟମାବଳୀର କଡ଼ା ଅନୁପାଳନ ପ୍ରତି ନିଜର ପ୍ରତିବଦ୍ଧତା ସ୍ପଷ୍ଟ କରିଛନ୍ତି ।

ଆନ୍ଧ୍ର ପ୍ରଦେଶରେ ୪୨୧ ପେଟ୍ରୋଲ ପମ୍ପ ବନ୍ଦ

ନୂଆଦିଲ୍ଲୀ, ୨୬/୪(ନ୍ୟୁ.ଏ): ସରକାର, ଅଧିକାରୀ ଏବଂ ମୁଖ୍ୟମନ୍ତ୍ରୀ ସମସ୍ତେ ଜନସାଧାରଣଙ୍କୁ ଆଶ୍ୱସ୍ତ କରି କହୁଛନ୍ତି, ଦେଶରେ କୌଣସି ସ୍ଥାନରେ ପେଟ୍ରୋଲ ଏବଂ ଡିଜେଲର ଅଭାବ ନାହିଁ । କିନ୍ତୁ ଆନ୍ଧ୍ର ପ୍ରଦେଶରେ ଏହା ବିପରୀତ ଘଟଣା ଘଟିଛି । ରାଜ୍ୟର ୪୨୧ ପେଟ୍ରୋଲ ପମ୍ପ ବନ୍ଦ ହେବା ଖବର ଆଶ୍ଚର୍ଯ୍ୟଜନକ । ରବିବାର ପେଟ୍ରୋଲ ଏବଂ ଡିଜେଲର ଅଭାବ ଯୋଗୁଁ ରାଜ୍ୟରେ ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ହେବା ପରେ ଉତ୍ପନ୍ନିଥିବା ପରିସ୍ଥିତିର ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ତୁରନ୍ତ ସମୀକ୍ଷା କରିଛନ୍ତି । ସରକାରଙ୍କ ମୁଖ୍ୟଲକ୍ଷ୍ୟ ଅମରାବତୀ ଅଭିମୁଖେ ଯାତ୍ରା କରିବା ପୂର୍ବରୁ, ସେ ମୁଖ୍ୟ ସଚିବ ସାଲ୍ ପ୍ରସାଦ ଏବଂ ଅନ୍ୟ

ଆରମ୍ଭ
SEITHO ARAMBHA
ସୋମବାର, ୨୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଏକଲବ୍ୟ ବିଦ୍ୟାଳୟ ନିର୍ମାଣରେ ବିଭାଗ ତରଫରୁ ଅହେତୁକ ବିଳମ୍ବ

ଜି.ଉଦୟଗିରି, ୨୭/୦୪(ଆ.ପ୍ର) : (ବିନୁୟ କୁମାର ସେଠି) : କେନ୍ଦ୍ର ସରକାରଙ୍କ ତରଫରୁ ସ୍ଥାନୀୟ ଅଞ୍ଚଳରେ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବହୁ ବର୍ଷ ହେଲା ଭିତି ପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ ସରକାରଙ୍କ ନିର୍ମାଣ ବିଭାଗ ଅଧିକାରୀଙ୍କ ଢାଳଢୁଳ ନୀତି ଯୋଗୁଁ ବିଦ୍ୟାଳୟ ନିର୍ମାଣ ବିଳମ୍ବ ହେଉଥିବା ହେତୁ ଜନ ଅସନ୍ତୋଷ ଦେଖିବାକୁ ମିଳିଛି । ଜି.ଉଦୟଗିରି କଳିଙ୍গା ରାଜ୍ୟ ରାଜପଥ ଜଢ଼ ମାରାନମୁଖା ନିକଟରେ ଜମି ଚିହ୍ନଟ ଜମି ଚିହ୍ନଟ ପରେ ରାଜସ୍ୱ ବିଭାଗ ପକ୍ଷରୁ ଆବଶ୍ୟକ କମି ବିଭାଗକୁ ଦିଆଯାଇଥିଲା । କେନ୍ଦ୍ର ସରକାର ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ୪୨ କୋଟି ଟଙ୍କା ଅର୍ଥ ମଞ୍ଜୁର କରି କେନ୍ଦ୍ରୀୟ କୋଳ ନିର୍ମାଣ କାର୍ଯ୍ୟଦେଶ ଦେବା ପରେ ଉଚ୍ଚତମ ଟେଣ୍ଡର ଆହ୍ୱାନ କଲେ ଟେଣ୍ଡର ସରିଲା କଣେ ବାହାର ଜିଲ୍ଲାର ଠିକାଦାର କାର୍ଯ୍ୟଦେଶ ପାଇ ବୁଲି କଲେ । ନିର୍ମାଣ କାର୍ଯ୍ୟ ଆରମ୍ଭ ୩/୫/୨୫ ଏବଂ କାର୍ଯ୍ୟ ସମାପ୍ତ ୨/୧୧/୨୬ ରହିଥିବା ବେଳେ ଏପର୍ଯ୍ୟନ୍ତ କିଛି କାମ ହୋଇନାହିଁ । ବିଦ୍ୟାଳୟ ନିର୍ମାଣ ପାଇଁ ମିଳିଥିବା ଜମିରୁ ପ୍ରାୟ ୭୦ ପ୍ରତିଶତ ଜମିରେ ବିଜିନ୍ନ କିଷମ ଗଛ ସହ ସାଗୁଆନ ଶାଳ, ପିଆଶାଳ ଗଛ ରହିଛି । ଯାହାକୁ ନେଇ ବିଜିନ୍ନ ମହଲରୁ ଅଭିଯୋଗ ହେବା ପରେ ଜଙ୍ଗଲ ବିଭାଗ ଅନୁମତି ପତ୍ର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା । କିଛି ମାସ ପରେ ଜଙ୍ଗଲ ବିଭାଗ ଅଧିକାରୀ ମାନେ କାର୍ଯ୍ୟଟି ଏହି କାର୍ଯ୍ୟ କରିବା ନିମନ୍ତେ ଲେ ଆଉଟ ଦେଇ ନାହାନ୍ତି ତାକୁ ନେଇ ଅଂଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି । ଲେ ଆଉଟ ଦେଇ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଏପରେ ଆଉ କିଛି ମାସ ପରେ ବୁଲି ସରିବ । ବିଭାଗର କାର୍ଯ୍ୟ ନିର୍ବାହ ଯତ୍ନ ବିଦ୍ୟାଳୟ କୋଠା ନିର୍ମାଣ ନିମନ୍ତେ ଯଥା ଶୀଘ୍ର ଲେ ଆଉଟ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି ।

ବିଶ୍ୱ ଓଡ଼ିଆ ପରିବାର ତରଫରୁ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୭/୦୪(ଆ.ପ୍ର) : ନବଜାଗ୍ରତ ତଥା ଉତ୍କଳ ପ୍ରଦେଶର ଅନ୍ୟତମ ନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ୧୮୯୨ ମସିହା ଏପ୍ରିଲ ୨୭ ତାରିଖରେ ଜନ୍ମଗ୍ରହଣ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭାରତୀୟ ଇତିହାସର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ଆଧୁନିକ ଓଡ଼ିଶାର ସୁପତି ଭାବରେ ପରିଚିତ । ସେ ପାରଳାଖେମୁଣ୍ଡିର ମହାରାଜା ଥିଲେ ଏବଂ ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ଉତ୍କଳ ସମ୍ମିଳନୀର ଜଣେ ଅଗ୍ରଣୀ ସଂଗଠକ ଓ ନେତା । ଓଡ଼ିଆ ଭାଷାଭାଷୀ ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ନିମନ୍ତେ ଚାଲିଥିବା ଆନ୍ଦୋଳନରେ ତାଙ୍କର ଅତୁଳନୀୟ ପରିଶ୍ରମ ଓ ନେତୃତ୍ୱ ପାଇଁ କୃଷ୍ଣଚନ୍ଦ୍ର ଗଜପତି ସର୍ବଦା ସ୍ମରଣୀୟ । ତାଙ୍କର ଉଦ୍ୟମ ଯୋଗୁଁ ହିଁ ଓଡ଼ିଶା ଭାଷା ଭିତିରେ ଗଠିତ ଦେଶର ପ୍ରଥମ ପ୍ରଦେଶ ହେବାର ଗୌରବ ଅର୍ଜନ କରିଥିଲା । ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ତାଙ୍କୁ ମଧ୍ୟ ଓଡ଼ିଶାର ଜଣେ ମୁଖ୍ୟ ନିର୍ମାତା ଭାବରେ ଗଣ୍ୟ କରାଯାଏ । ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତ୍ରୀକରଣ ପାଇଁ ତାଙ୍କର ଅବଦାନ ଅତୁଳନୀୟ । ଆଜି ସମଗ୍ର ଓଡ଼ିଆ ଜାତି ମହାନ ଏବଂ ପୂଜ୍ୟ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀକୁ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରୁଥିବାବେଳେ ବିଶ୍ୱ ଓଡ଼ିଆ ପରିବାର ତରଫରୁ ମଧ୍ୟ ଜୟନ୍ତୀ ପାଳନ କରାଯାଇଛି । 'ଓଡ଼ିଆ କହିବା, ଓଡ଼ିଆ ପଢିବା, ଓଡ଼ିଆ ଲେଖିବା ଏବଂ ଓଡ଼ିଆରେ ଦସ୍ତଖତ କରିବା ।' ଏହାକୁ ସଂକଳ୍ପ ଭାବେ ଗ୍ରହଣ କରି ଆମେ ପ୍ରତ୍ୟେକ ଓଡ଼ିଆ କାର୍ଯ୍ୟକ୍ଷେତ୍ରରେ ବାସ୍ତବରେ ପରିଣତ କରିବା ହେଉଛି ମୂଳ ଲକ୍ଷ୍ୟ ଓ ପ୍ରାଥମିକତା । ଏହି ଲକ୍ଷ୍ୟ ପୂରଣ ହେଲେ ଭାଷା ଭିତିରେ ଗଠିତ ହୋଇଥିବା ଦେଶର ପ୍ରଥମ ପ୍ରଦେଶର ନିର୍ମାତାଙ୍କୁ ହେବ ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଡଃ ସିଲ୍ପା ପତି, ବିଶିଷ୍ଟ କବି ମନୋରଞ୍ଜନ ଷଡ଼ଙ୍ଗୀ, ଚାଲ୍ତର ପ୍ରତାପ ପାଣି, ସାଧୁ ଚରଣ ହେହେରା, ମନୋଜ ସାହୁ, ରବୀନ୍ଦ୍ର ପ୍ରସାଦ ମିଶ୍ର, କୁକମଣି ରାଉତ,ସୁଚିତ କୁମାର ଦାସ, ସୁଚିତ କିଶୋର ନାୟକ, ଆରତୀ ମିଶ୍ର, ଜନକ ଲତା ରାଉ, ରାଜମିତ୍ରା ପ୍ରଭାକର ଲଷ୍ଟମ ପାଳମାନସ ଦାଶ, ଆଦି ଆୟୋଜକମାନେ ଭାଗ ନେଇଥିଲେ ।

ଇଂଟରନେଟ ସେବା ବ୍ୟାହତ ଯୋଗୁଁ ଅସନ୍ତୋଷ

ଖଣ୍ଡପଡ଼ା, ୨୭/୦୪(ଆ.ପ୍ର) : ଦିନେ ମାତ୍ର ଧରି ଖଣ୍ଡପଡ଼ା ବ୍ଲକ ଅଂଚଳରେ ଦୁର୍ବଳ ମୋବାଇଲ ନେଟୱର୍କ ଯୋଗୁଁ ଜନସାଧାରଣ ନାହିଁ ନାହିଁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ଅଂଚଳବାସୀଙ୍କୁ ପ୍ରଥମେ ମୋବାଇଲ ସେବା ପ୍ରଦାନ କରି ଆସୁଥିବା ବିଏସଏନଏଲ ସଂସ୍ଥା ଗୁଡିକ ଅବସ୍ଥାରୁ ଚାଲି ଆସିବା ପରେ ଅନ୍ୟାନ୍ୟ ଗାମାଦାମୀ ଗୋଲାଲ କମ୍ପାନୀର ମୋବାଇଲ ନେଟୱର୍କ ଉପରେ ଅଂଚଳବାସୀ ପୁରା ନିର୍ଭର କରି ଚଳି ଆସୁଛନ୍ତି । ମାତ୍ର ଏବେ ଉକ୍ତ ମୋବାଇଲ ନେଟୱର୍କ କମ୍ପାନୀ ଗୁଡିକ ପୂର୍ବ ପରି ଆଉ ସେପରି ସେବା ପ୍ରଦାନ ନକରି ଅଂଚଳବାସୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି । ଦୁର୍ବଳ ମୋବାଇଲ ନେଟୱର୍କ ଏବେ ଖଣ୍ଡପଡ଼ା ଅଂଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଆଜିର ଡିଜିଟାଲ ଯୁଗରେ ସମସ୍ତଙ୍କ ପାଇଁ ମୋବାଇଲ ଓ ଇଂଟରନେଟ ସେବା ଅପରିହାର୍ଯ୍ୟ ହୋଇଥିବା ବେଳେ ଅଂଚଳବାସୀଙ୍କୁ ପ୍ରଥମେ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଗୁଡିକ ଇଂଟରନେଟ ସେବା ଉପରେ ନିର୍ଭର କରୁଛି । ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉଦ୍ୟାନ ଓ କୃଷି ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଦୁର୍ବଳ ମୋବାଇଲ ନେଟୱର୍କ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭର କରିଥାନ୍ତି । ଏଭଳି ସ୍ଥିତିରେ ମୋବାଇଲ ନେଟୱର୍କକୁ ଅଂଚଳବାସୀ ଜଟିଳ ହେବା ଦୃଶ୍ୟର ବିଷୟ ଅଟେ । ତେଣୁ ଅଂଚଳବାସୀଙ୍କ ସ୍ୱାର୍ଥ ଓ ସୁବିଧାକୁ ଦୃଷ୍ଟିରେ ରଖି ବିଏସଏନଏଲ କର୍ତ୍ତୃପକ୍ଷଙ୍କ ସମେତ ଦେଶର ନାମୀଦାମୀ ମୋବାଇଲ ଓ ଇଂଟରନେଟ ସେବା ପ୍ରଦାନକାରୀ କଂପାନିଗୁଡିକ ଖଣ୍ଡପଡ଼ା ବ୍ଲକ ଅଂଚଳର ବିଜିନ୍ନ ସ୍ଥାନରେ ଉଚ୍ চ ଶକ୍ତି ସମ୍ପନ୍ନ ଏକାଧିକ ମୋବାଇଲ ଟାୱାର ସ୍ଥାପନ କରି ଅଂଚଳବାସୀଙ୍କୁ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ଜିଲ୍ଲା ପ୍ରଶାସନ ଓ ଜନ ପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ସିଆରପିଏଫ ଆସିଷ୍ଟାଂଟ କମାଣ୍ଡରଙ୍କୁ ଭବ୍ୟ ସ୍ୱାଗତ

ପାତ୍ରପୁର, ୨୭/୦୪(ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ କେଶରୀପଡା ଗ୍ରାମର ଗାଣ୍ଡାଡା ଯୋଗୁଲୁ ଓ ଗାଣ୍ଡାଡା ଭାଗାଲଣ୍ଡୀଙ୍କ ସୁପୁତ୍ର ଗାଣ୍ଡାଡା ଗୋପାଳ କୃଷ୍ଣ ହରିଆଣା ରାଜ୍ୟ କେନ୍ଦରପୁର ସିଆରପିଏଫ ଏକାଡେମୀ ଠାରେ ଆସିଷ୍ଟାଂଟ କମାଣ୍ଡର ଭାବେ ପ୍ରଶିକ୍ଷଣ ସମ୍ପନ୍ନକରି ସହ ସମାପ୍ତ କରି ଗଲାରୁ ଫେରିଥିବା ବେଳେ ଗ୍ରାମବାସୀ ମାନେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଯୁବ ଅଧିକାରୀଙ୍କ ଏହି ସମ୍ପନ୍ନତାରେ ସମଗ୍ର ସୀମାନ୍ତ ଅଂଚଳ ଗର୍ବିତ ହୋଇଉଠିଛି । ଯବାନ ଜଣକ ଗ୍ରାମକୁ ପ୍ରବେଶ କରିବା ସମୟରେ ତାଙ୍କୁ ଗ୍ରାମବାସୀ ଓ ଗ୍ରାମର ଯୁବଗୋଷ୍ଠୀ ପୁଷ୍ପମାଲ୍ୟ ଅର୍ପଣ କରି ଗ୍ରାମରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରି ଶୁଭେଚ୍ଛା ଜଣାଇଥିଲେ । ସୀମାନ୍ତ କେଶରୀପଡା ଗ୍ରାମର ଏହି ଯୁବକ ଅନ୍ୟ ଯୁବପିଢି ପାଇଁ ପ୍ରେରଣାର ଉତ୍ସ ହୋଇଥିବା ବେଳେ ତାଙ୍କର କଠିନ ପରିଶ୍ରମ, ନିଷ୍ଠା ଓ ଦୃଢ ସଂକଳ୍ପ ଦ୍ୱାରା ସେ ଏହି ସ୍ଥାନରେ ପହଂଚିପାରିଛନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଦେଶ ସେବା କରିବା ତାଙ୍କ ପାଇଁ ଗୌରବର ବିଷୟ ଓ ଆଗାମୀ ଦିନରେ ସେ ନିଷ୍ଠାର ସହ ତାଙ୍କ କର୍ତ୍ତବ୍ୟ ପାଳନ କରିବେ ବୋଲି ଗୋପାଳ କୃଷ୍ଣ ପ୍ରକାଶ କରିଦିଏ ସହ ଏହି ସମ୍ପନ୍ନତାର ଶ୍ରେୟ ତାଙ୍କ ପରିବାର, ଶିକ୍ଷକ ଓ ଗ୍ରାମବାସୀଙ୍କୁ ଦେଇଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସଭାପତି ଲୋକନାଥ, ଗୋପାଳଙ୍କ ସହିତ ଯୁବଗୋଷ୍ଠୀ ରାଣ୍ଡାଡା ପୁରୁଷୋତମ, ଏମ ଗୋବିନ୍ଦ, ରାଣ୍ଡାଡା ରବି, ମୋକ୍ଷ ଆନନ୍ଦ, ଚିନାଲା ଲେଙ୍କର ରମେଶ, ନାରାୟଣ, ଶିବା, ଗାଣ୍ଡୁଲୁଙ୍କ ସମେତ ପରିବାର ବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ବୁଦ୍ଧିଜୀବୀ ସମ୍ମିଳନୀ

ବାଲିଗୁଡା, ୨୭/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ସରାଗୃହ ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ବିଭାଗ ସଂଘ ଚାଳକ ମୁଖ୍ୟ ଆୟୋଜକ ଲଗବାନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼.ମଧୁସୂଦନ ମହାପାତ୍ର ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତେ ବର୍ଷ ବିଜୟ ଯାତ୍ରା କହିବା ସହ ସଂଘର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ଓ ଆଗାମୀ ଦିନର ଯୋଜନା ଉପରେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସହରର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଜିଲ୍ଲା ବ୍ୟବସ୍ଥା ପ୍ରମୁଖ କାଳିନୀ ଚରଣ ପଣ୍ଡା ଓ ଖଣ୍ଡ କାର୍ଯ୍ୟବାହ ଅଭଳ କୁମାର ବାସଙ୍କ ସମେତ ସଂଘର ସମସ୍ତ କାର୍ଯ୍ୟ କର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ଶନିଶ୍ଚର ମନ୍ଦିରର ୧୪ତମ ବାର୍ଷିକ ଉତ୍ସବ : ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ



ବାଲିଗୁଡା, ୨୭/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଣିର ରେଣିନ୍ୟୁ ବଜାର ନିକଟରେ ଥିବା ଶନିଶ୍ଚର ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବ ମନ୍ଦିର ପରିଚାଳନା କମିଟି ସଭାପତି ହରିହର ନାୟକ ଏବଂ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଦିନତମାମ ପୂଜା ଅର୍ଚନା ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ଟିକାବାଣି ଅଂଚଳରେ ଥିବା ଶତାଧିକ ଶ୍ରଦ୍ଧାଳୁ ଉକ୍ତ ଉପସ୍ଥିତ ରହି ଏହି ମାଙ୍ଗଳିକ କାର୍ଯ୍ୟରେ ସହଯୋଗ କରିଥିଲେ । ଏହି କାର୍ଯ୍ୟରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ଗୋପାଳ ପଣ୍ଡା, ଅଜିତ ପ୍ରଧାନ, ସଂଚାଳନ ପାଣିଗ୍ରାହୀ, ରବି ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ସଦସ୍ୟ ଦୃଢ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ୧୩୫ ତମ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି, ୨୭/୦୪(ଆ.ପ୍ର) : ସ୍ୱାଳୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ନବଜାଗ୍ରତର ନିର୍ମାତା ପାରଳା ମହାରାଜା ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଧାନ ଗୁରୁଜୀଙ୍କ ନେତୃତ୍ୱରେ ସମସ୍ତ ଗୁରୁଜୀ ଗୁରୁମା ସ୍ଥାନୀୟ ବଜାର ଛକ ସ୍ଥିତ ମହାରାଜାଙ୍କର ପ୍ରତିମୂର୍ତ୍ତି ଓ ତାଙ୍କର ସମାଧି ସ୍ଥଳ ଠାରେ ପୁଷ୍ପମାଲ୍ୟ ଅର୍ପଣ କରି ଉଚ୍ଚିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉଦ୍ୟଯାପରରେ ଅନୁଷ୍ଠାନର ବରିଷ୍ଠ ସଂସ୍କୃତ ଆଚାର୍ଯ୍ୟ ଶୈଳେକ୍ଷ ଖଣ୍ଡରାୟ ମହାରାଜାଙ୍କ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଛେଛିପରି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ମଧ୍ୟ ମହାରାଜାଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ ପୂର୍ବକ ସ୍ମୃତିଚାରଣ କରିଥିଲେ । ଉକ୍ତ ବୈଠକରେ ବରିଷ୍ଠ ସଂସ୍କୃତ ଆଚାର୍ଯ୍ୟ ଗୋପାଳକୃଷ୍ଣ ପଣ୍ଡିତ ସଭାପତିତ୍ୱ କରିଥିଲେ । ଶେଷରେ ଶ୍ରୀମତୀ ପ୍ରେମାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

'ଭାବ ଭକ୍ତିରେ ଶ୍ରୀଜଗନ୍ନାଥ' ଅନୁଭୂତି ଆସର ଅନୁଷ୍ଠିତ

ପୁରୀ, ୨୭/୦୪(ଆ.ପ୍ର) : 'ରଣ୍ଡି ସାହିତ୍ୟ ସଂସଦ' ପକ୍ଷରୁ ଭାବଭକ୍ତିର କଥା ଓ ଗାଥାକୁ ଆଧାର କରି ଶ୍ରୀଜଗନ୍ନାଥଙ୍କ ଏକ ଅନୁଭବ ଆଉ ଅନୁଭୂତିକୁ ନେଇ ଏକ ମନୋଜ୍ଞ ଆସର ୟୁଥ ଛଣ୍ଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ମହିମା ଓ ଅନୁଭବ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ପୁରୀ ମଣ୍ଡଳ ଚିତ୍ରକର ଯୁକ୍ତ କର୍ମିଶନର ଡକ୍ଟର ପଦ୍ମଲୋଚନ ରାଉତ ଓ ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ନରେଶ ଚନ୍ଦ୍ର ଦାଶ, ବରିଷ୍ଠ ସେବାୟତ ଶରତ ଚନ୍ଦ୍ର ମହାନ୍ତି ଓ ପୂର୍ବତନ୍ଦ୍ର ଗୋଚ୍ଛିକାର ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ହିଁ ପରମ ସତ୍ୟ ଓ ପରମ ଭାଗବତ ବୋଲି ମତବ୍ୟକ୍ତ କରିବା ସହ ଶ୍ରୀଜଗନ୍ନାଥ ଚେତନାରେ ବିବିଧ ଦେବାଦେବୀ ଯଥା ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀନୃସିଂହ, ଶ୍ରୀ ଗଣେଶ ଓ ମହାବୀର ଉପାସନା କରାଯାଏ । ଶ୍ରୀଜଗନ୍ନାଥ ହିଁ ବିଶ୍ୱର ଶ୍ରେଷ୍ଠ ନ୍ୟାୟପାଳିକା । ତାଙ୍କ ପାଖରେ କାୟ, ମନ, ବାକ୍ୟରେ ସମର୍ପିତ ହେବା ଜୀବର ପରମ ଧର୍ମ । ସେ ଭକ୍ତିଦ୍ୱାରା ତାଙ୍କର ସମର୍ପିତ ଭକ୍ତ ମାନଙ୍କୁ ବିଜିନ୍ନ ଅନୁଭବ ଦ୍ୱାରା ତାଙ୍କର ଉପସ୍ଥିତି ସୂଚେଇ ଦିଅନ୍ତି । ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି ରାୟ ରାମାନନ୍ଦ, କବୀର, ନାନକ, ତୁଳସୀ ଦାସ, ଶ୍ରୀ ଚୈତନ୍ୟ ଆଦି ସମସ୍ତେ ତାଙ୍କ ସଚାକୁ ଉପଲବ୍ଧି କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସଭାପତି ତଥା ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସମ୍ପାଦିକା ଡକ୍ଟର କଳ୍ୟାଣୀ ଶତପଥୀ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ । ଏଥିରେ ନିର୍ମଳା ଫତେ ସିଂ, ପଣ୍ଡିତ ଗଣୀ ଭୂଷଣ ଶାସ୍ତ୍ରୀ, ଅଳିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ମଦେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ଆରତୀ ସେନ, ସର୍ବାଣୀ ଦାସଙ୍କ ସମେତ ବହୁ କବି, ସାହିତ୍ୟିକ, ସଂଗଠକ, ଗବେଷକ ଯୋଗ ଦେଇ ଅନୁଭବ ଆଉ ଅନୁଭୂତି ପ୍ରକାଶ କରିଥିଲେ । ଅନୁଭୂତି ପ୍ରକାଶ କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସଭାପତି ଡକ୍ଟର ବିଶ୍ୱରଞ୍ଜନ ପତି, କୃଷ୍ଣଚେତ୍ର ଶତପଥୀ, ତ୍ରିଲୋକ ମହାପାତ୍ର, ମନୋରମା ସାହାଣୀ, ଜ୍ୟୋତ୍ସ୍ନା ପ୍ରଧାନ, ଆଲୋକ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ଡକ୍ଟର ପ୍ରମୋଦ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

କାଦୁଅପଡା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ

ଜଗତସିଂହପୁର, ୨୭/୦୪(ଆ.ପ୍ର) : ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ କାଦୁଅପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅପରାହ୍ନରେ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜଗତସ

ଶୀର୍ଷଛତ୍ର
ଆରମ୍ଭ
SEITHO ARAMBHA
ସୋମବାର, ୨୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଅପୂର୍ବା ପ୍ରକାଶନୀ ପକ୍ଷରୁ ପାଠକଙ୍କ ପାଇଁ ଲୋକାର୍ପିତ ହେଲା ନୂଆ ସାହିତ୍ୟ କେନ୍ଦ୍ର 'ଅପୂର୍ବା ବୁକ୍ ଶପ୍'

ବାଲେଶ୍ୱର, ୨୬/୦୪(ଆ.ପ୍ର) : ବିଶ୍ୱ ପୁସ୍ତକ ଅବସରରେ ରାଜ୍ୟର ସଂଖ୍ୟାତ୍ମକ ସାହିତ୍ୟ ପତ୍ରିକା ଓ ଅଗ୍ରଣୀ ପୁସ୍ତକ ପ୍ରକାଶନୀ ସଂସ୍ଥା 'ଅପୂର୍ବା ପ୍ରକାଶନୀ' ପକ୍ଷରୁ ଏକ ନୂତନ ବୁକ୍ ଶପ୍ ରାଜଧାନୀରେ ଲୋକାର୍ପିତ ହୋଇଯାଇଛି । ଲୁଚେଶ୍ୱର ୟୁନିଟ୍-୩ ଅଂଚଳରେ ଅବସ୍ଥିତ ଏହି ବୁକ୍ ଶପ୍‌କୁ ବରିଷ୍ଠ କବି ତତ୍ତ୍ୱର ପମ୍ପା ମହାନ୍ତି ଓ ବିଶିଷ୍ଟ କବି ଗତି ନାରାୟଣ ସେନାପତି ରିବନ୍ କାଟି ଉଦ୍ଘାଟନ କରିଥିଲେ । ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ରାଜଧାନୀରେ ନିର୍ଦ୍ଦିଷ୍ଟ ସାହିତ୍ୟିକ ପୁସ୍ତକ ସମ୍ବନ୍ଧିତ ଏକ ବିଶେଷ ବୁକ୍ ଶପ୍‌ର ଦୀର୍ଘଦିନର ଆବଶ୍ୟକତା ରହିଥିଲା । ପାଠକମାନେ ନିଜ ରୁଚି ଅନୁସାରେ ପୁସ୍ତକ ପାଇବାରେ ଯେଉଁ ଅସୁବିଧା ଭୋଗୁଥିଲେ, ଏହି ବୁକ୍ ଶପ୍ ଆରମ୍ଭ ହେବା ଦ୍ୱାରା ସେହି ଅଭାବ ଅନେକ ଅଂଶରେ ପୂରଣ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଏହା ପାଇଁ ସେମାନେ ଅପୂର୍ବା ପ୍ରକାଶନୀର ଅଧ୍ୟକ୍ଷ ପଲ୍ଲବି କ୍ଷୀରୋଦ ପତିଙ୍କୁ ସାଧୁବାଦ ଜଣାଇଥିଲେ । ଲୋକାର୍ପଣ ଅନୁଷ୍ଠାନରେ ରାଜ୍ୟର ବିଶିଷ୍ଟ ସାହିତ୍ୟିକ ତତ୍ତ୍ୱର ଦୃଷ୍ଟାଚଳେଣ ମାଲୁକ, କବି ଅଶ୍ୱିନୀ କୁମାର ମିଶ୍ର, ତତ୍ତ୍ୱର ପ୍ରସନ୍ନ କୁମାର ମହାନ୍ତି, ଲେଖକ ତତ୍ତ୍ୱର ବିଜୟ ଜେତନ ପଟ୍ଟନାୟକ, ରାଜ୍ୟ ନାୟକ, ରତ୍ନାକର ରାଉତ, ଲୁବନାନନ୍ଦ ତ୍ରିପାଠୀ, ସତ୍ୟଶାରୀ ପଟ୍ଟନାୟକ ଓ ସନ୍ତୋଷ କୁମାର ଭାଉରରାୟ ଉପସ୍ଥିତ ଥିଲେ । 'ଅପୂର୍ବା'ର ପରିଚାଳନା ସଂପାଦିକା ଆଡ୍‌ଲୋଚେଟ ଲୋପାମୁଦ୍ରା ଦାଶ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା ଅନୁଷ୍ଠିତ

କଟକ, ୨୬/୦୪(ଆ.ପ୍ର) : ଆଜି ଅପରାହ୍ନ ୫ଘଟିକା ସମୟରେ 'ପ୍ରାଚୀ' ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାର ସ୍ଥିତ ଏଲ.କେ ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି 'ପରିବେଶ ସୁରକ୍ଷା ଓ ଆମ ଦାୟିତ୍ୱ' ଶୀର୍ଷକ ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ । ପ୍ରାଚୀ ପତ୍ରିକାର ସଂପାଦକ ଡ. ବିଜୁଦ ଖଣ୍ଡାୟତରାୟ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଡଂ ହରିଜନ ସେଠୀ ଓ ମୁଖ୍ୟ ବକ୍ତା ଭାବେ ପ୍ରଫେସର ଆଦିତ୍ୟ ପ୍ରତାପ ଧନ ଯୋଗଦେଇ ବର୍ତ୍ତମାନ ଯୁଗରେ ପରିବେଶବାଦର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ । ସମ୍ମାନନୀୟ ଅତିଥି ରୂପେ କୁଳଲତା ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖିଥିଲେ । କବିତା ପାଠୋତ୍ତର ବେଳର ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ଓ ଅନୁପୂର୍ଣ୍ଣା ସାହୁ,

ପ୍ରଫେସର ତତ୍ତ୍ୱର ଲବଙ୍ଗଲତା ବିଶୋଇ, ସ୍ନେହଲତା ଦ୍ୱିବେଦୀ, ତତ୍ତ୍ୱର ଶୁଭଶ୍ରୀ ପଟ୍ଟନାୟକ, ଶ୍ରୀରୋଦ ଜେନା, ଉ ମ ଚରଣ ପ୍ରଧାନ, ଗାଡାଞ୍ଜନି ନାୟକ, ମନୋଜ ଭବନ୍ତରାୟ, ନମିତା ମହାନ୍ତି, ଅରୁଣ କୁମାର ଅଗ୍ରୱାଲ, ତତ୍ତ୍ୱର କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେଡିରୁ ସମୂହ ଇସ୍ତଫା, ବିଜେଡିକୁ ଶକ୍ତ ଧକ୍କା

ସିମୁଳିଆ, ୨୬/୦୪(ଆ.ପ୍ର) : ସିମୁଳିଆ ବ୍ଲକ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା କଲ୍ୟାଣ ମଣ୍ଡପ ପରିସରରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ଶଙ୍କରା ବ୍ଲକର ବିଜେଡି ଜିଲ୍ଲା ପରିଷଦ, ସମୃଦ୍ଧ ସରପଂଚ, ସମିତି ସଭ୍ୟ ସମେତ ବହୁ କର୍ମୀ ବିଜୁ ଜନତା ଦଳରୁ ବିଜୁ ଜନତା ଦଳ ଓ ସମୃଦ୍ଧ ସରପଂଚ, ସମିତି ସଭ୍ୟ ଓ ବହୁ କର୍ମୀ ସମୂହ ଇସ୍ତଫା ଦେଇଥିବାର ଦେଖିବାକୁ ମିଳିଛି । ସୂଚନାଗୁ ପ୍ରକାଶ ସିମୁଳିଆ ବ୍ଲକ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା କଲ୍ୟାଣ ମଣ୍ଡପ ପରିସରରେ ଆଜି ଖରରା ବ୍ଲକ ବିଜୁ ଜନତା ଦଳର ୫ନଂ ଜିଲ୍ଲା ପରିଷଦ ପ୍ରାର୍ଥୀ ମାନଙ୍କ ଦାବୀଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ସରପଂଚ ଜନଶ୍ୟାମ ସ୍ୱାଇଁ, ରପେୟା ପଂଚାୟତ ମଞ୍ଜୁ ଲତା ସାମଲ, ଅନ୍ତରା ସମବାୟ ସମିତି ସଭାପତି ଅଜୟ ସାମଲ, କଇଁଅ ଗଡିଆ ପଂଚାୟତ ସରପଂଚ ଗୋବର୍ଦ୍ଧନ ପାଲଇରାୟ ସମିତି ସଭ୍ୟ ନରୋତମ ମହିମା ସାହୁ, ସାରକୋଣାର ସରପଂଚ ସୁଶାନ୍ତ କୁମାର ନାୟକ, ମନ୍ଦତିପୁର ସମିତି ସଭ୍ୟ ଲୁପ୍ତିୟା ସାହୁ, ସାଲୁଗାଁ ବ୍ଲକ ଛାତ୍ର ସଭାପତି ଗୌତମ ରାଉତ, ଦେମଗ ଲେଙ୍କା ଯୁବ ସଭାପତି, ପ୍ରାଣୀ ମାନଙ୍କ ଦାବୀଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ସରପଂଚ ଜନଶ୍ୟାମ ସ୍ୱାଇଁ, ରପେୟା ପଂଚାୟତ ମଞ୍ଜୁ ଲତା ସାମଲ, ଅନ୍ତରା ସମବାୟ ସମିତି ସଭାପତି ଅଜୟ ସାମଲ, କଇଁଅ ଗଡିଆ ପଂଚାୟତ ସରପଂଚ ଗୋବର୍ଦ୍ଧନ ପାଲଇରାୟ ସମିତି ସଭ୍ୟ ନରୋତମ ମହିମା ସାହୁ, ସାରକୋଣାର ସରପଂଚ ସୁଶାନ୍ତ କୁମାର ନାୟକ, ମନ୍ଦତିପୁର ସମିତି ସଭ୍ୟ ଲୁପ୍ତିୟା ସାହୁ, ସାଲୁଗାଁ ବ୍ଲକ ଛାତ୍ର ସଭାପତି ଗୌତମ ରାଉତ, ଦେମଗ ଲେଙ୍କା ଯୁବ ସଭାପତି, ଗଡପୋଖରୀ ପଂଚାୟତ ସମିତି ସଭ୍ୟ ଶତ୍ରୁଘ୍ନ ସେଠି, ସରପଂଚ ଜିତେନ୍ଦ୍ରାଣୀ ସେଠି, ପୂର୍ବତନ ସରପଂଚ ମନୁଜ ନାୟକ, ସମେତ ବହୁ ବିଜେଡି ସମର୍ଥିତ ନିର୍ବାଚିତ ସରପଂଚ ସମିତି ସଭ୍ୟ, କର୍ମୀ ସମୂହ ଇସ୍ତଫା ଦେଇଛନ୍ତି । ଏହି ଇସ୍ତଫା ପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି । ଆଗାମୀ ଦିନରେ ବିଜେପିରେ ମିଶିବା ନେଇ କର୍ମୀମାନେ କହୁଥିବା ବେଳେ ବିଜୁ ଜନତା ଦଳ ସଂଗଠନ ହ୍ରାସ ପାଉଥିବା ବେଳେ ବିଜେପି ଶିବିରାଣୀ ଖୁସିର ଲହରୀ ଦେଖିବାକୁ ମିଳିଛି ।

ବିଏଏମଏଲ୍ ବେଙ୍ଗାଲୁରୁରେ 'ଆଦିତ୍ୟ' କଂପ୍ଲେକ୍ସ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ବେଙ୍ଗାଲୁରୁ, ୨୬/୦୪(ଆ.ପ୍ର) : ଲେଜର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁର ବିଏଏମଏଲ୍ ଚିତ୍ରସାଦ୍ଧ୍ୟା ଜ୍ୟୋତିଷ ପରିଦର୍ଶନ କରି ହାଇ-ସ୍ପିଡ୍ ରେଳ ନିର୍ମାଣ ପାଇଁ ଉପଯୁକ୍ତ ଏକ ସ୍ୱତନ୍ତ୍ର କମ୍ପ୍ଲେକ୍ସ, ଆଦିତ୍ୟାକୁ ଉଦଘାଟନ କରିଛନ୍ତି । ଏହି ଗସ୍ତ ସମୟରେ, ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହାଇ-ସ୍ପିଡ୍ ରେଳ ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ସୁସ୍ଥ ଏବଂ ଜଟିଳ । ଆମ ଦେଶ ମଧ୍ୟରେ ଏହାର ବିକାଶ ସ୍ୱଦେଶୀ ଇଞ୍ଜିନିୟରିଂ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ନୂତନ ଭାବରେ ଉନ୍ନତିତ ଆଦିତ୍ୟ କମ୍ପ୍ଲେକ୍ସ ୫-୨୮ କୋଟ୍ ବିକାଶ ପାଇଁ ଡିଜାଇନ୍ କରାଯାଇଛି । ହାଇ-ସ୍ପିଡ୍ ଟ୍ରେନର ପରିବର୍ତ୍ତନକାରୀ ଶକ୍ତି ଉପରେ ଆଲୋଚନାପାତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଏହି ଟ୍ରେନ୍‌ଗୁଡ଼ିକର ଆଗମନ ଦ୍ୱାରା ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ଦୂରତ୍ୱ ହ୍ରାସ ପାଇ ପରସ୍ପରର ଏକ ସଂପ୍ରସାରିତ ଅଂଶରେ ପରିଣତ ହେବେ । ସେ ଡେମୁଲ ଏବଂ ବେଙ୍ଗାଲୁରୁ ମଧ୍ୟରେ ବନ୍ଦେ ଭାରତ ବେଗ ଖୁବ୍ ଶୀଘ୍ର ଆରମ୍ଭ ହେବ । ସେ କହିଥିଲେ ଯେ ଏହି ସେବା ପାଇଁ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମାଡଗାଁଓ ଏବଂ କର୍ଣ୍ଣାଟକର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ସହରଗୁଡ଼ିକୁ ସଂଯୋଗ କରିବା ଉପରେ ବିଚାର କରାଯାଇଛି । ସେ କହିଥିଲେ ଯେ ଏ ନେଇ ଭୌଗୋଳିକ ପ୍ରତିବନ୍ଧକ ଦୂର କରାଯାଇଛି, ବିଶେଷକରି ହାସାନ-ମାଙ୍ଗାଲୁରୁ ସେକ୍ସନର ଦିବ୍ୟୁତୀକରଣ ସଂପୂର୍ଣ୍ଣ ହୋଇଛି ଓ ଉପକୂଳର ତୀକ୍ଷଣ ବାଲୁ ଅଂଚଳରେ ସୁରକ୍ଷା ପାଇଁ ଅଟୋମେଟେଡ୍ ଏମର୍ଜେନ୍ସି ବ୍ରେକିଂ (ଏଇବି) ବ୍ୟବସ୍ଥା କରାଯାଇଛି ।

ଆମ୍ବୁଲାସ ଗାଡି ସଡ଼କ ଦୁର୍ଘଟଣା

ସିମୁଳିଆ, ୨୬/୦୪(ଆ.ପ୍ର) : ଅନ୍ଧ୍ର ପ୍ରଦେଶର ବିଶାଖାପାଟଣାର କିମ୍ବା ହମ୍ବିଟାଲରୁ ଲୌଖିକୁ ଦମ୍ବିଟାଳକୁ ପ୍ରାଇଭେଟ ଆମ୍ବୁଲାନ୍ସ ଯୋଗେ ରୋଗୀକୁ ନେଇ ଯାଉଥିଲା ବେଳେ ୧୬ନଂ ଜାତୀୟ ରାଜପଥର ସିମୁଳିଆ ଥାନା ଅଞ୍ଚଳରେ ଗାଡି ଚାଳକର ନିଦ ଲାଗିଯିବାରୁ ଲାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଡିଭାଇଡ଼ରକୁ ପିଟି ହୋଇ ଦୁର୍ଘଟଣା ଘଟିଥିଲା । ଫଳରେ ଘଟଣା ସ୍ଥଳରେ ଆମ୍ବୁଲାନ୍ସ ନଷ୍ଟ ହୋଇଯାଇଛି । ମାତ୍ର ରୋଗୀ ଓ ତାଙ୍କ ପରିବାର ଜାହାର କିଛି କ୍ଷତି ହୋଇ ନ ଥିବା ଜଣାଯାଇଛି । ଖବର ପାଇ ସିମୁଳିଆ ପୋଲିସ ଘଟଣା ସ୍ଥଳରେ ପହଂଚି ରୋଗୀ ଓ ପରିବାର ବର୍ଗଙ୍କୁ ଉଦ୍ଧାର କରି ଅନ୍ୟ ଏକ ଗାଡିରେ ଗନ୍ତବ୍ୟ ସ୍ଥଳକୁ ପଠାଇ ଥିବାର ଜଣାଯାଇଛି ।

୯ଟି ଜିପିଏଲ୍‌ଏଫ୍‌ର ଏମବିକେ ଦିଦିଙ୍କ ମନମାନି, ମିଳିଥିବା ଟ୍ରାକ୍ଟରକୁ ନିଜ ମୁତାବକ କରୁଛନ୍ତି ବ୍ୟବହାର

ଝରିଗାଁ, ୨୬/୦୪(ଆ.ପ୍ର) : ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଉଦ୍ୟୋଗୀ କରିବାକୁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ଦୃଶ୍ୟମୂଳ ସ୍ତରରେ ଗଠିତ ଏସଏଚଜି ଓ ପଂଚାୟତ ସ୍ତରରେ ଜିପିଏଲ୍‌ଏଫ୍ ସଂଗଠିତ । ଏହି ଏସଏଚଜି ଓ ଜିପିଏଲ୍‌ଏଫ୍ ମାନଙ୍କ ପାଇଁ ସରକାର ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ଆର୍ଥିକ ସହାୟତା, ବ୍ୟବସାୟିକ ସୁଯୋଗ, ଋଣଭୂମି ବ୍ୟବସ୍ଥା, ସାମାଜିକ ସୁରକ୍ଷା ଭଳି ଅନେକ ବ୍ୟବସ୍ଥା କରିଛନ୍ତି । ସେହିପରି ମହିଳାମାନଙ୍କୁ କୃଷି କ୍ଷେତ୍ରରେ ଭାଡିଯାଉଥା କରି ସ୍ୱାବଲମ୍ବୀ କରିବାକୁ ସରକାର ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଯାନ୍ତ୍ରିକୀକରଣ ଯୋଜନା ଅଧୀନରେ ଟ୍ରାକ୍ଟର, ପାମ୍ପାର ଟିକର, ବେଲିନ ରଖିବା ପାଇଁ ସ୍ପିଡ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ପ୍ରୋତ୍ସାହନ ଦେଇଛନ୍ତି । ଯାହା ଦ୍ୱାରା ଜିପିଏଲ୍‌ଏଫ୍‌ଙ୍କୁ ଦିଆଯାଇଥିବା ଟ୍ରାକ୍ଟର ହେଉ ବା ଅନ୍ୟାନ୍ୟ ଯାନ୍ତ୍ରିକୀକରଣ କୁ ଭାଡାରେ ଲଗାଇ ନିୟମିତ ଆୟର ଉତ୍ସ କରି ସଂଗଠନ ପାଖିରେ ସଂଗୟ କରି ଆର୍ଥିକ ସ୍ଥିତି ବୃଦ୍ଧି କରିପାରିବେ । କିନ୍ତୁ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ୯ଟି ଜିପିଏଲ୍‌ଏଫ୍‌ଙ୍କ ନାମରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଟ୍ରାକ୍ଟର ପ୍ରଦାନ କରାଯାଇଛି । ହେଲେ ଜିପିଏଲ୍‌ଏଫ୍‌ଙ୍କୁ ମିଳିଥିବା ଟ୍ରାକ୍ଟରକୁ ନିଜ ବୋଲକାର ଭାବି ଏମାନେଙ୍କେ ମାନେ ନିଜ ମୁତାବକ ବ୍ୟବହାର କରୁଥିବା ଭଳି ଅଭିଯୋଗ ହେଉଛି । ସୂଚନା ପ୍ରକାରେ ଝରିଗାଁ ବ୍ଲକରେ ୨୩ଟି ଜିପିଏଲ୍‌ଏଫ୍ ରହିଛନ୍ତି । ସେଥିମଧ୍ୟରୁ ୨୦୨୨-୨୩ ମସିହାରେ ୯ଟି ଜିପିଏଲ୍‌ଏଫ ଫୁଲୁଗାଁ, ଝରିଗାଁ, ଧେଡ଼ା, ଗୁଳୁସିଙ୍ଗା, ବେଲଗାଁ, ଏକାମ୍ବା, ଜିଲା, କାନାକୋଟ, ଚିତାଦେବାଳୁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଟ୍ରାକ୍ଟର ପ୍ରଦାନ କରାଯାଇଛି । ଟ୍ରାକ୍ଟର ଜିପିଏଲ୍‌ଏଫ୍‌ର ନାମରେ ରହିଥିବାବେଳେ ସମ୍ପୂର୍ଣ୍ଣ ଭାବେ ଏହା ଗୋଷ୍ଠୀର ସମ୍ପତ୍ତି । ଟ୍ରାକ୍ଟର ପରିଚାଳନା ପାଇଁ ଜିପିଏଲ୍‌ଏଫ କମିଟି ଦାୟିତ୍ୱରେ ରହିବା ସହିତ ଭଳା ଦର ନିର୍ଦ୍ଧାରିତ କରିଥାନ୍ତି । ଜିପିଏଲ୍‌ଏଫ ଅଧୀନରେ ଥିବା ଏସଏଚଜିର ସଭ୍ୟାମାନେ ନିଜ ଜମିରେ ବାଷ କାର୍ଯ୍ୟ ପାଇଁ ଟ୍ରାକ୍ଟରକୁ ବଜାର ଦର ତୁଳନାରେ କମ୍ ମୂଲ୍ୟରେ ବ୍ୟବହାର କରିପାରିବାର ନିୟମ ରହିଛି । ବ୍ଲକରେ ୯ଟି ଜିପିଏଲ୍‌ଏଫ୍ କୁ ଟ୍ରାକ୍ଟର ଯୋଗେଇ ଦିଆଯାଇଛି । ଏସଏଚଜି ସଭ୍ୟାମାନେ ଟ୍ରାକ୍ଟର ଯୋଗେ ସେହିଭଳି ଚାଷଜମି ପାଇବାରୁ ବଂଚିତ ରହୁଛନ୍ତି । ଜିପିଏଲ୍‌ଏଫର ସଂଗଠିକୁ ଏମବିକେ ମାନେ ନିଜବାର ଭଳି ନିଜ ମୁତାବକ ଫାଇଦା ଉଠାଇଛନ୍ତି ବୋଲି ଝରାଗାଁ, ଲୁଚୁସିଙ୍ଗା, ବେଲଗାଁ, ଏକାମ୍ବା, ଜିଲା, କାନାକୋଟ, ଚିତାଦେବାଳୁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଟ୍ରାକ୍ଟର ପ୍ରଦାନ କରାଯାଇଛି । ଟ୍ରାକ୍ଟର ଜିପିଏଲ୍‌ଏଫ୍‌ର ନାମରେ ରହିଥିବାବେଳେ ସମ୍ପୂର୍ଣ୍ଣ ଭାବେ ଏହା ଗୋଷ୍ଠୀର ସମ୍ପତ୍ତି । ଟ୍ରାକ୍ଟର ପରିଚାଳନା ପାଇଁ ଜିପିଏଲ୍‌ଏଫ କମିଟି ଦାୟିତ୍ୱରେ ରହିବା ସହିତ ଗ୍ରାମର ଗୁରୁଜନ ଓ ଆତ୍ମୀୟସ୍ୱଜନଙ୍କୁ ଭେଟି ସୌଜନ୍ୟମୂଳକ ଆଲୋଚନା କରିଥିଲେ । ସେ କହିଥିଲେ, ଗାଁ ମାଟିର ସ୍ନେହ ଓ ଗୁରୁଜନମାନଙ୍କ ଆଶୀର୍ବାଦ ସବୁଦେବେ ପ୍ରେରଣା ହୋଇ ରହିବ । ସେମାନଙ୍କ ସହ କିଛି ସମୟ ଅତିବାହିତ କରି ନିଜକୁ ଖୁସି ଅନୁଭବ କରୁଛି । ଏହି ଗସ୍ତ କାଳରେ କେନ୍ଦ୍ର ମନ୍ତ୍ରୀ ଗ୍ରାମର କୁଳ ଦେବତା ଶ୍ରୀ ଶ୍ରୀ ନୃସିଂହ ଦେବଙ୍କ ଦର୍ଶନ କରି ସମସ୍ତଙ୍କର ମଙ୍ଗଳ କାମନା କରିବା ସହ ତାଳଚେର କଣିଝିଂ ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଜାମଣ୍ଡଳ ଆୟୋଜନର ସୁଯୋଗ ପଚିତ୍ର ମୋହନ ପ୍ରଧାନଙ୍କ ତ୍ୟାଗ ଓ ନିର୍ଭୀକ ନେତୃତ୍ୱ ଯୁବପିଢ଼ିଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି ।

ଅଂଶୁଘାତରେ ଜନଗଣନା ଶିକ୍ଷକଙ୍କ ମୃତ୍ୟୁ ଅଭିଯୋଗ

ବଣାଗାଁ, ୨୬/୦୪(ଆ.ପ୍ର) : ସୁନ୍ଦରଗଡ଼ ଜିଲ୍ଲା ଗୁଲୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜଗତା ଜଳ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନୁରାଗ ଏକ୍କାଙ୍କ ଅଜାଳ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ଉଠିଛି । ସରକାରଙ୍କ ଜନଗଣନା କାର୍ଯ୍ୟ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ବେଳେ, ଶ୍ରୀ ଏକ୍କା ଜଗତା ଗ୍ରାମରେ ଘରେ ଘରେ ଯାଇ ତଥ୍ୟ ସଂଗ୍ରହ କରୁଥିଲେ । ଏହି ସମୟରେ ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିଥିବା ସୂଚନା ମିଳିଛି । ପରେ ତାଙ୍କୁ ବୁଢେଇ ପରିବାର ଲୋକଙ୍କ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା କରାଯାଉଥିଲା । କିନ୍ତୁ ଚିକିତ୍ସାଧୀନ ସମୟରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ତାଙ୍କର ମୃତ୍ୟୁର କାରଣ ଭାବେ ଅଂଶୁଘାତ (ଝିଲ୍)କୁ ସନ୍ଦେହ କରାଯାଇଛି । ଏହି ଘଟଣାକୁ ନେଇ ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଶିକ୍ଷକ ମହଲରେ ମଧ୍ୟ ଚିନ୍ତା ଓ ଅସନ୍ତୋଷ ପ୍ରକାଶ ପାଇଛି । କିନ୍ତୁ ଏପର୍ଯ୍ୟନ୍ତ ତାତ୍ତ୍ୱର କିମ୍ବା ମୃତକଙ୍କ ପରିବାର ପକ୍ଷରୁ ସ୍ପଷ୍ଟପ୍ରତିକ୍ରିୟା ମିଳିପାରି ନାହିଁ । ଘଟଣା ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବ କି ନାହିଁ, ତାହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି ।

କୁନି କୁନି ପିଲାଙ୍କ ଜଳବ ନ କାର୍ଯ୍ୟକୁ ପ୍ରଶଂସା

ନିଶ୍ଚିନ୍ତକୋଇଲି, ୨୬/୦୪(ଆ.ପ୍ର) : ନିଶ୍ଚିନ୍ତକୋଇଲିର ଆରାଧ୍ୟା ଗ୍ରାମଦେବତା ମା' ଦେବେଶ୍ୱରୀଙ୍କ ପୀଠରେ ଥିବା ଗ୍ରହରାଜ ଶନିଶ୍ୱରଙ୍କ ଜଳାଭିଷେକ ତା.୨୫.୦୪.୨୦୨୬ରିଖରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆଖପାଖ ଅ ଞ୍ଚଳ ବହୁ ପୁରୁଣା ମହିଳା ଯୁବଗୋଷ୍ଠୀ ଆସି ଶନିଶ୍ୱରଙ୍କ ପାରେ ଜଳ ଲାଗି କରିଥିଲେ । ସେଠାକୁ ଆସିଥିବା ଶ୍ରଦ୍ଧାଳୁ ମାନଙ୍କ ଶୋଷ ମେ ଟାବା ପାଇଁ ସ୍ଥାନୀୟ ଅ ଞ୍ଚଳ କିଛି କୁନି କୁନି ପିଲାମାନେ ଏକ ପାନୀୟଜଳ ଯୋଗାଣ କେନ୍ଦ୍ର ଖୋଲି ବସି ଲେମ୍ବୁ ମିଶ୍ରିତ ସରବତ ତ ନ କରିଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କୁନି କୁନି ପିଲାମାନଙ୍କ ଦ୍ୱାରା ଆୟୋଜିତ ଉକ୍ତ ଜଳବ ନ କେନ୍ଦ୍ରରେ ପୂର୍ବତନ ସରପଂଚ ଶ୍ରୀରୋଦଚନ୍ଦ୍ର ପଣ୍ଡା, ରମେଶଚନ୍ଦ୍ର ସ୍ୱାଇଁ ଘଟି ପାଣି ପିଇବା ସହ ପିଲାମାନଙ୍କ ଏଭଳି ଜନସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

ନିଜ ଗାଁ ନାଲମରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ଶୁଣିଲେ କେନ୍ଦ୍ରମନ୍ତ୍ରୀ



କଣିଝିଂ/ତାଳଚେର, ୨୬/୦୪(ଆ.ପ୍ର) : କେନ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସମୀକ୍ଷା

ଭାଷା ଯେବେ ବିକୃତ ହୁଏ.. ଓଡ଼ିଆ ହେଉଛି ଅଡୁଆ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଅତ୍ୟନ୍ତ ଦୁଃଖର ବିଷୟ ଏହାକି ଯେଉଁମାନେ ସାମାଜିକ ପରିବାନନା ହେତୁ ଅର୍ଥ ଉପାର୍ଜନ କରିଥା'ନ୍ତି, ସେହିମାନେ ଭ୍ରଷ୍ଟାଚାରୀଙ୍କୁ ସମାଜର ଶୀର୍ଷ କ୍ଷେତ୍ରରେ ଅବସ୍ଥାପନ କରି ସେମାନଙ୍କୁ ପ୍ରଭୁତ୍ୱର୍ଯ୍ୟ ମାନ୍ୟତା ଦେଇ ସେମାନଙ୍କ ଦ୍ୱାରା ଭ୍ରଷ୍ଟାଚାରରେ ପତିତ ପ୍ରତାରିତ ବ୍ୟବସ୍ଥାକୁ ଅନୁଶାଳନ କରିବା କ୍ଷମତା ବଢ଼ିଚାଲିଛି ମଣିଷକୁ ସାମାଜିକ ଗାଦିଆ ସମାନରେଖା ମାନରେ ରଖିଥିବା ବର୍ଣ୍ଣାଶ୍ରମ ଥାଏ । ବାସ୍ତବ କ୍ଷେତ୍ରରେ ସେହିମାନେ ନିଷିଦ୍ଧ ଭାବେ ଅତ୍ୟନ୍ତ ଧନଶାଳୀ ଯେଉଁମାନେ ସାଧାରଣ ଲୋକଙ୍କୁ ଖାତା, ବସ୍ତ୍ର ଯୋଗାଇ ଥା'ନ୍ତି । କିନ୍ତୁ ମଧ୍ୟବି ଏବଂ ଉଚ୍ଚସ୍ତର ଅରିଷ୍ଟିତ୍ର ମଣିଷ କେବେ କୌଣସି ବାସ୍ତବବାଦୀ ପ୍ରକୃତିକ କର୍ମ କରୁନଥିବା ବେଳେ ସେଇ ନିମ୍ନରେ ରହିଥିବା ମଣିଷ ମାନଙ୍କୁ ଅଲୌକିକ ଭାବେ ଶିକ୍ଷାର କରାଜତା ସୃଷ୍ଟି କରି ଯେଉଁ କାର୍ଯ୍ୟ କରିଥା'ନ୍ତି ସେଗୁଡ଼ିକୁ ନିଚେଷ୍ଟ ବୁଝି ନପାରି ସେମାନଙ୍କୁ ପ୍ରଭୁତ୍ୱର୍ଯ୍ୟ ମାନିଥା'ନ୍ତି । ଏହି ଭାଇଧାରା ସମାଜରେ ଅନେକ ବର୍ଷ ପୂର୍ବେ ଆରମ୍ଭ ହୋଇ ଅଦ୍ୟାବଧି ଏକ ସାମାଜିକ ନିୟମରେ ପରିଣତ ହୋଇଛି । ସତ୍ୟକୁ ଆତ୍ମସାତକରେ ଉଚ୍ଚ ମିଥ୍ୟାବାଦୀ ଏମିତି ସାମାଜିକ ସ୍ଥିତିରେ ସାଧାରଣ ଲୋକଙ୍କୁ ନିମ୍ନାଳି କରି ରଖିଛନ୍ତି ଯେ ସମାଜର ସମସ୍ତ ବର୍ଗର ମଣିଷ ଗୁଡ଼ିକ ଅଦ୍ୟାବଧି କେବଳ ମିଥ୍ୟାବାଦୀ ଭଳି ଜୀବନ ଧାରଣ କରୁଥିବା ଦେଖିବାକୁ ମିଳୁଛି । ଭ୍ରଷ୍ଟାଚାର କେବଳ ସମିତ ବର୍ଗର ମଣିଷଙ୍କ ଦ୍ୱାରା ପ୍ରତାରିତ ଏକ ସାମାଜିକ ଗ୍ରଭାଣ୍ଡ ପ୍ରଭାବରେ ପରିଣତ ଅଛି ସମ୍ପର୍କର କରାଜତାର ବ୍ୟବସ୍ଥା ବିରୁଦ୍ଧରେ ଦେଶଦ୍ରୋହୀ ବୋଲି କହିବା ପାଇଁ ମାତ୍ର ପଛାଉନାହିଁ ସମାଜ । ସତ୍ୟ କେବ ରୁଟି ରେଜନା ବୋଲି ରହିଥିବା ଜିମଦରୀ ମଣିଷ ଦ୍ୱାରା ଘୋଷିତ କରାଯାଇଥିବା ବେଳେ ମଣିଷ ହିଁ ସତ୍ୟକୁ ଲୁଚାଇ ରଖି ମାତ୍ରଭାବେ ପ୍ରତିଭାବାନ ଶ୍ରମାଚାଶାଳୀ ଭାରତବାସୀଙ୍କ ମଧ୍ୟକରାର ଦୃଷ୍ଟିଭଙ୍ଗୀ ଏକ ଭିନ୍ନ ସ୍ତରରେ ଦେଖିବାକୁ ମିଳୁଛି ଆମ ସମାଜରେ । କହିବାକୁ ଗେଲ ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ସାବ୍ୟସ୍ତ କରି ଜନମାନସରେ ପ୍ରଭଶାଳୀତା ସୃଷ୍ଟି କରାଯାଇ ସାମାଜିକ ବ୍ୟବସ୍ଥାରେ ବ୍ୟାପକ ଅମାନବୀୟ ଚରିତ୍ର ପ୍ରକାଶ କରାଯାଇଥିବା ଘଟଣାବଳୀ ସମ୍ପର୍କରେ ପ୍ରତ୍ୟକ୍ଷ ପ୍ରରାଚିତାରାରୀ କରୁଥିବା ସାମିଧାଜିକ, ନ୍ୟାୟାଳୟ ବ୍ୟବସ୍ଥା ଆମ ଦେଶରେ ସ୍ୱୟଂ ଷ୍ଟାର୍ଯ୍ୟାଁ ସରୋଚ୍ଚ କ୍ଷମତାଧାରୀ କବନ ସ୍ଥାନ ଏକ ଉଚ୍ଚସ୍ତରୀୟ ସ୍ତରରେ ରହିଥିବା ବୁଝି ହୁଏ ।

ବର୍ଣ୍ଣ ବୋଧକ୍ରମ୍ୟ ହେଲେ ଭାଷାର ପ୍ରକୃତ ଉଚ୍ଚାରଣ ଆସିଥାଏ । କିନ୍ତୁ ଆଜିର ସମୟରେ ଏ ସବୁର କିଛି ମାନେ ନାହିଁ । ଯାହା ପାଟିରେ ପଶିଲା ଏବଂ ଭଲମର ମୁନ ଯେଉଁଆଡ଼େ ମୋଡ଼ିହେଲା ତାହା ଶବ୍ଦର ରୂପ ନେଲା । ନିତ୍ୟ ବ୍ୟବହାର୍ଯ୍ୟ ଭାଷାର ଏବେ ଏମିତି ଏଣ୍ଡୁଚେଣ୍ଡୁ ଶବ୍ଦର ପ୍ରୟୋଗ ହେଉଛି ଯାହାର ପ୍ରଭାବ ସିଧାସଳଖ ଆମ ଓଡ଼ିଆ ଭାଷାର ଶୁଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭାଷା ଜାତିବାଚୁ ହେଲେ ବର୍ଣ୍ଣକୁ ବୁଝିବାକୁ ହୁଏ । ଏ ସବୁ କ୍ଷେତ୍ରରେ ବର୍ଣ୍ଣବୋଧ ପୁସ୍ତକର ଉପାଦେୟତା ରହିଛି । ୧୯୮୫ ମସିହାରେ ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରସ୍ତୁତ ହି ପୁସ୍ତକ ଓଡ଼ିଆ ଭାଷାର ମୌଳିକ ଉପାଦାନ । ଓଡ଼ିଆ ବର୍ଣ୍ଣମାଳାର ତିନୋଟି ସ୍ୱରବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ ଓ ଅତିରିକ୍ତ ବର୍ଣ୍ଣ ସହ ଯୋଗ ଫଳା, ମାତ୍ରାର ବ୍ୟବହାର ଏଥିରୁ ହିଁ ବୁଝିହୁଏ । ସେହିପରି ଏଗୁଡ଼ିକର ବ୍ୟବହାର ଶବ୍ଦର ପ୍ରକୃତ ଉଚ୍ଚାରଣକୁ ସ୍ପଷ୍ଟ କରୁଥିଲା । କିନ୍ତୁ ବ ିମାନର ପିଢ଼ାଙ୍କ କ୍ଷେତ୍ରରେ ଏ ସବୁର କିଛି ମାନେ ନାହିଁ । ଅନେକ ଫଳା ଓ ଯୋଗ କୁ ଚିହ୍ନି ପାରୁନାହାଁନ୍ତି । ଅଧିକାଂଶ ଅଭିଭାବକ ମାନଙ୍କ ଇଂରାଜୀ ମାଧ୍ୟମରେ ପଢ଼ାଇବା ନିଜା ପିଲାଙ୍କୁ ନିଜ ଭାଷାରୁ ଦୂରେଇ ନେଉଛି । ଓଡ଼ିଆ ଭାଷା ସାହିତ୍ୟ ପାଇଁ ଏହା ଚିନ୍ତାର ବିଷୟ ।

ଅ ନ ୟ ପ କ୍ଷ ରେ ସାଧାରଣରେ ମଧ୍ୟ ଭାଷାକୁ ଠିକ୍ ଭାବେ ଚିହ୍ନିବା ଓ ଉଚ୍ଚାରଣ କରିବାରେ ଭୁଲ ରହୁଛି । ଏପରିକି ପ୍ରଥମ ଶ୍ରେଣୀରୁ ଓଡ଼ିଆ ପଢ଼ି ଆସିଥିବା ଓ ଓଡ଼ିଆ ଭାଷା ସାହିତ୍ୟର ମଜା ଧରିଥିବା ଅନେକଙ୍କ କ୍ଷେତ୍ରରେ ବନାନ ଓ ଉଚ୍ଚାରଣଗତ ତ୍ରୁଟି ଦେଖିବାକୁ ମିଳୁଛି । ଯେମିତି ଠିକ୍ ଶବ୍ଦକୁ ଏତେ ସଠିକ ଭାବେ ଲେଖିବାର ମଧ୍ୟ ଅନେକ ସମୟରେ ତ୍ରୁଟି ରହୁଛି । ଶୃଙ୍ଖଳ କିଛି ସୃଷ୍ଟି ଲେଖୁଛନ୍ତି । ଏଥିରେ ଅନାବଶ୍ୟକ ଗେମ୍ ବ୍ୟବହାର ଏବଂ ଶବ୍ଦର ଶୁଦ୍ଧତାକୁ ନଷ୍ଟ କରୁଛି । ଅନେକଙ୍କ ତ୍ରୁଣ୍ଡରେ ଦେବାଦେବୀ ଶବ୍ଦ ଶୁଣାଯାଉଛି । ଦେବାଦେବୀ ବୋଲି ସମ୍ବୋଧନ କରିବା ଅତ୍ୟନ୍ତ ଭୁଲ । ବଦ୍ ଏହାକୁ ଦେବଦେବୀ ପଢ଼ିବା ତା ସମ୍ବୋଧନ କରିବା ଉଚିତ । ଏ ଜିନିଷ ପ୍ରାଦାର୍ଶିକ ଦୈନ୍ଦିକ ଚରଣ ମହାନ୍ତିଙ୍କ ମତାମତ ଲେଖିବାକୁ ସେ ଆଉ କିଛି ଉଦାହରଣ ଦେଇଥିଲେ । ତାଙ୍କ ଅନୁଯାୟୀ, କିଛି ଲେଖକ, ପତ୍ରିକାରେ ଗାଣତାତ୍ତିକ ଶବ୍ଦର ବ୍ୟବହାର କରାଯାଉଛି ଯାହାର କିଛି ଅର୍ଥ ନାହିଁ । ତତ୍ତ ଶବ୍ଦରେ ଲକ୍ଷ ପ୍ରତ୍ୟେକ ବ୍ୟବହାର କରାଯାଇଛି ତାହା ଦାର୍ଶନିକ ହୋଇଥାଏ । ଏହାପୂର୍ବରୁ ଯଦି ଗଣ ଉପଦେବ ଲଗାଯାଏ ତେବେ ତାହା ଗଣତାତ୍ତିକ ହୁଏ । ତେଣୁ ଏହାବେବଳର ଭୁଲ ଶବ୍ଦ ଗାଣତାତ୍ତିକ ଉଚ୍ଚାରଣ କରିବା ସମ୍ପୂର୍ଣ୍ଣ ଭୁଲ । ସେହିପରି ଅନେକ ପ୍ରଶାସନିକଙ୍କୁ ପ୍ରଶାସନିକ ପହୁଞ୍ଚନ୍ତି । ଏଠାରେ ବି ଯଦି ଶବ୍ଦକୁ ଭାଗ କରାଯାଏ ତେବେ ଶାସନରେ ଲକର ବ୍ୟବହାର କରାଗଲେ ତାହା ଶାସ୍ତ୍ରିକ ହୋଇଥାଏ । ଏହାପୂର୍ବରୁ ପ୍ର ଉପସର୍ଗ ଲଗାଗଲେ ପ୍ରଶାସନିକ ଶବ୍ଦର ଶୁଦ୍ଧତା ଷ୍ଟ ହୁଏ । ଯଦି ଏସବୁର ବ୍ୟବହାର ଠିକ ଭାବେ କରାଯାଏ ତେବେ ଆମ ଭାଷା ବିକୃତ ହେବାରୁ ବଂଚିଯାଇବ । ହୁଏତ ଏବେଠୁ ସତର୍କ ହେଲ ଆଗାମୀ ପିଢ଼ୀ ଶବ୍ଦର ପ୍ରକୃତ ଉଚ୍ଚାରଣ କରିବେ ।

ଦିନ ଥିଲା ମଗଧ, ପାଟଳିପୁତ୍ରରୁ ସଡାବାଦନ ପର୍ଯ୍ୟନ୍ତ ବ୍ୟାପିଥିବା ଓଡ଼ିଶା ତଥା ତତ୍ତ୍ୱାଳାକ ଜଳିଘର ପରିଚାରୀ । କିନ୍ତୁ ସମୟ ସ୍ରୋତରେ ଓଡ଼ିଆଙ୍କ ବୀରତ୍ୱରେ ଗଠନ ହୋଇଥିବା ଏହି ଜନିଙ୍ଗ ଖଣ୍ଡଖଣ୍ଡିତ ହୋଇଗଲା । ଏଭଳି ଏକ ସମୟ ଆସି ପହଂଚିଲା ଯେଉଁ ସମୟରେ ଓଡ଼ିଶାକୁ ନିଜର ପରିଚୟ ଖୋଜିବାକୁ ପଡ଼ିଲା । ବଙ୍ଗଳା ଏବଂ ବିହାର ମଧ୍ୟରେ ପେଷି ହୋଇଯାଇ ଓଡ଼ିଶା ନିଜର ଅସ୍ତିତ୍ୱ ହରାଇବାକୁ ବସିଥିଲା । କିନ୍ତୁ ଓଡ଼ିଶାର ଏହିଭଳି ଏକ ଦୁର୍ଦ୍ଦିନ ସମୟରେ ଜନ୍ମ ନେଇଥିଲେ ଭକ୍ତକବିଗୋରବ ମଧୁସୂଦନ ଦାସ, ଭକ୍ତକମଣି ଗୋପବନ୍ଧୁ, ମାଳାକାର ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କଠାରେ ଏମିତି ଆହୁରି ଅନେକ ମଣିଷି । ଖଣ୍ଡବିଖଣ୍ଡିତ ହୋଇପଡ଼ିଥିବା ଭକ୍ତକୁଳ ପୁଣିଥରେ ଏକକ ରାଜ୍ୟର ମାନ୍ୟତା ଦେବାଲାଗି ଏମାନେ ନେଇଥିଲେ କଠୁଣପଥ । ଏହାର ଫଳସ୍ୱରୂପ ସମଗ୍ର ଦେଶରେ ପ୍ରଥମ ଅର ଲାଗି ଭାଷାଭିତ୍ତିକ ପ୍ରଦେଶ ଗଠନ କରିବେ । ୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଘୋଷଣା କରାଯାଇଥିଲା । କିନ୍ତୁ ଭାଷା ଭିତ୍ତିରେ ଗଠନ ହୋଇଥିବା ଏହି ରାଜ୍ୟରେ ଆଜି ମାତୃଭାଷା ଯେମିତି ସମସ୍ତଙ୍କ ପାଇଁ ଅପାଂକ୍ତେୟ ଆଉ ଅଲୋଡ଼ା ।

୨୦୩୬ ମସିହାରେ ଅର୍ଥାତ୍ ଆଉ ଏଗାର ବର୍ଷ ପରେ ଦେଶର ପ୍ରଥମ ଭାଷା ଭିତ୍ତିରେ ଗଠନ ହୋଇଥିବା ଏହି ରାଜ୍ୟରେ ଆଜି ମାତୃଭାଷା ଯେମିତି ସମସ୍ତଙ୍କ ପାଇଁ ଅପାଂକ୍ତେୟ ଆଉ ଅଲୋଡ଼ା ।

୨୦୩୬ ମସିହାରେ ଅର୍ଥାତ୍ ଆଉ ଏଗାର ବର୍ଷ ପରେ ଦେଶର ପ୍ରଥମ ଭାଷା ଭିତ୍ତିରେ ଗଠନ ହୋଇଥିବା ଏହି ରାଜ୍ୟରେ ଆଜି ମାତୃଭାଷା ଯେମିତି ସମସ୍ତଙ୍କ ପାଇଁ ଅପାଂକ୍ତେୟ ଆଉ ଅଲୋଡ଼ା । ୨୦୦୩ ମସିହାରେ ମାର୍ଚ୍ଚ ୧୧ ତାରିଖରେ ଷଷ୍ଠ ଶ୍ରେଣୀର ଭାଷାର ସ୍ୱୀକୃତି ପାଇଥିବା ଆମ ଓଡ଼ିଆ ଭାଷା ବାସ୍ତବିକ ବନ୍ଦୁବର୍ଗୀ । ଆମ ଭାଷାକୁ ନେଇ ଆମମାନଙ୍କ ନିସ୍ପୃହ ଭାବେ ଗୌରବାନ୍ୱିତ । ଆମ ଓଡ଼ିଆ ଯୁବପିଢ଼ୀ ଓ ଛାତ୍ରଛାତ୍ରୀ ଜାତୀୟ ଓ ଅନ୍ତର୍ଜାତୀୟ ଭାଷାରେ ଦକ୍ଷ ହେବା ଜରୁରୀ । ଏଥିସହ ମାତୃଭାଷାରେ ମଧ୍ୟ ସେମାନଙ୍କର ସମ ଭାବେ ଦକ୍ଷତା ରହିବା ଉଚିତ । ଅନ୍ତତଃ ଘରେ ଓଡ଼ିଆ ଭାଷାରେ ସମସ୍ତେ କଥା ହେବା ଓ ବ୍ୟକ୍ତିଗତ ଜୀବନରେ ଓଡ଼ିଆ ଲେଖାପଢ଼ା କରିବା ଅତ୍ୟନ୍ତ ଜରୁରୀ । ଏହି ସମୟରେ ଲୋକପ୍ରିୟ ସଂଗୀତକାର ସ୍ୱପ୍ନପୁର ନାୟକଙ୍କ ସଂଗୀତ ନିର୍ଦ୍ଦେଶନାର ସେହି ସୁଲଳିତ ଗାତଟି ମନେପଡ଼ୁଛି — 'ଓଡ଼ିଶା, ମୋ ଓଡ଼ିଶା, କେବେ ସୁନ୍ଦର ଗାଇବ ମୋର, କେବେ ମିଠା ମୋ ଭାଷା' । ତେବେ ଭାଷା ଜିନିଷ ରାଜ୍ୟ ଭାବେ ଓଡ଼ିଶାରେ ଖୋଦ ଓଡ଼ିଆ ଭାଷା ଆଜି ନିସ୍ପୃହ ଭାବରେ ଏକ ସମ୍ପାଦଣରେ ପହଂଚିଛି । କ'ଣ ହେବ ଏହି ଓଡ଼ିଆ ଭାଷାର ଭବିଷ୍ୟତ ? କ'ଣ ପୁଣି ଥରେ ଓଡ଼ିଶା ପ୍ରଦେଶକୁ ଗଠନ ଲାଗି କରାଯାଇଥିବା ଆନ୍ଦୋଳନ ଓଡ଼ିଆ ଭାଷାର ସୁରକ୍ଷା ପାଇଁ କରାଯିବ ? ନା କାହା ଭାଷା ମଧ୍ୟରେ ଏହି ଓଡ଼ିଆ ଭାଷା ହଜିଯିବ ? ଆଜି ଭକ୍ତକ ଦିବସ ଅବସରରେ ପ୍ରତ୍ୟେକ ଓଡ଼ିଆ ଭାଷାପ୍ରେମୀଙ୍କ ମଧ୍ୟରେ ଏହିଭଳି ଅନେକ ପ୍ରଶ୍ନ ଘୁରୁଲିତ ହେଉଛି ।

କଟିଜଗ, ମାଙ୍ଗଳପୁର, ଯାଜପୁର, ଦୂରଭାଷ:୯୪୩୮୨୭୬୬୬୦

'ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦ କରେ ଭାବ ।'

॥ ମମତା ପାଲ ॥

ଏ ଅନିତ୍ୟ ସଂସାରରେ ଜନ୍ମନେଲେ ଯିବାକୁ ହିଁ ହୁଏ ଦିନେ । ବାସ୍ତବରେ ଯିବାଟା ହିଁ ସତ୍ୟ । ଯାହା ପ୍ରମାଣ କରେ ପୁଣି ଥରେ ଥାଇବାକୁ । ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସୃଷ୍ଟିର ପଦବିନ୍ଦୁ ଛାଡ଼ି ଯାଇଥାନ୍ତି ପରବ ।ା ସମସ୍ତର ଜନମାନସ ପାଇଁ । ସତ୍ୟ, ନ୍ୟାୟ ଓ ତ୍ୟାଗର ଶୁଭ୍ରଧାରଣକୁ ଅହର୍ନିଶ ପାଳନ କରୁଥିବା ଜୀବନ ଯାତ୍ରାଣରେ ବେଦନାଦିଶି ଘୋର ପର ପାର୍ଥ ସ୍ତୁଳ ହସ ରା ୁ ଥିବା ଜଣେ ସେହିପରି ଅନିସ୍ପୃଣୀୟ ବ୍ୟକ୍ତିତ୍ୱ ଭଳେ ସ୍ମର୍ଣ୍ଣ ପ୍ରେମଲତା ପାଲ । ଜନ୍ମ ମୃତ୍ୟୁର ନିଗୁଢ଼ ବ୍ୟୁହ ଭେଦ ମାନବର ସୀମିତ ମନୋବୃତ୍ତିର ଅଗୋଚର । ଜୀବ ଆସିଆଏ ଯିବା ପାଇଁ । ପ୍ରକୃତିର ଏହି ସ୍ୱତଃସିଦ୍ଧ, ଶାଶ୍ୱତ ତଥା ଅନମୁଲଙ୍ଘନୀୟ ନିୟମକୁ ସମ୍ମାନ୍ୟ ମାନିବାକୁ ପଡ଼ିବ । ତଥାପି ପରମପୁରୁଷଙ୍କ ଶ୍ରୀଚରଣାଶ୍ରିତଦେର ସମର୍ପିତ ଜୀବନ କୃତକୃତ୍ୟ । ଏହି ପରିପ୍ରେକ୍ଷୀରେ ବିଚାର କଲେ ପ୍ରେମଲତାଙ୍କ ଲଭିପୂତ ଜୀବନ ଅତି ମହାନ ଓ ପବିତ୍ର । ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିର ସ୍ମୃତିପଟ୍ଟୁ ସେ ଜେଚେହେଲେ ତିରୋହିତ ହୋଇପାରନ୍ତି ନାହିଁ ।

ଜଗତକୁ ଆସିବେ, ଜଗତ ଛାଡ଼ିବା ଜୀବ ପାଇଁ ଏକ ନିର୍ଦ୍ଦିଷ୍ଟ ସତ୍ୟ । ମଣିଷ ଆସେ ଯେଉଁ ଅନନ୍ତ ସ । ମଧ୍ୟରୁ, ତାର ଫେରିବା ନିର୍ଦ୍ଦିଷ୍ଟ ହୋଇଥାଏ ସେହି ସ । ମଧ୍ୟରେ ବିଲାନ ହୋଇ ଯିବା ପାଇଁ । ମାତ୍ର ବାଟ ଚାଲିବା ବେଳେ ବାଟ ଚୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଂଚିବା ହୋଇଯାଏ କାଳାରି ଲାଭାଲି ପଥରେ କଷ୍ଟ ସାଧ ଅଥବା ଅସମ୍ଭବ । ଏପରି ବ୍ୟକ୍ତିତ୍ୱ ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରେ । ରାଣ୍ଡି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ନିଜସ୍ୱ ସଂପତ୍ତି ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ସେ ଯେପରି ଜୀବନର ପ୍ରତ୍ୟେକ ମୁହୂ ୁ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା, ତାହା କେବେ ହେଲେ ଜୀବନର ମୂଲ୍ୟାଙ୍କନର ମାପକାଠି ହୋଇ ନପାରେ । ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଜୀବନଯାପନ କରିବା ପ୍ରକୃତ ମାନବିକତାର ପରିଚୟ । ସେ ତାଙ୍କର ଜୀବନରେ ପ୍ରମାଣ କରିଦେଇଛନ୍ତି ଯେ ପ୍ରକୃତ ମାନବ ସେବା ପାଇଁ ଲୋକବଳ ଆର୍ଥିକ ସ୍ୱଚ୍ଛଳତା ବା ସରକାରୀ ସାହାଯ୍ୟର ଆବଶ୍ୟକତା ନାହିଁ । କେବଳ ନିଜସଂଭାବ, ଭଗବତପ୍ରେମ ସେବା ମନୋବୃ ି, ପ୍ରେମ ଭାବ, ପ୍ରଶାନ୍ତି ଭାବ, କ୍ଷମା ଭାବ ଓ ତ୍ୟାଗ ଭାବ ଉପରେ ଆଧାରିତ ବନ୍ଧିତ ମନୋବୃ ି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରେ । ରାଣ୍ଡି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ନିଜସ୍ୱ ସଂପତ୍ତି ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ସେ ଯେପରି ଜୀବନର ପ୍ରତ୍ୟେକ ମୁହୂ ୁ ଅତିବାହିତ କରିଛନ୍ତି, ତାହା ଆମ ମାନଙ୍କୁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ । ନିଜ ଆତ୍ମର ସତ୍ତାପ ପାଇଁ ସେ ନିଜେ ଜୀବନକାଳ ମଧ୍ୟରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି । ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦିତ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି, ଏ ବିଶ୍ୱାସ ଆମ ସମସ୍ତଙ୍କର ରହିଛି ।

ସଂସାରରେ ତିନି ପ୍ରକାର ଲୋକ ଆଅନ୍ତି ଯଥା ଜାତ ବା ଅଧମ, ମଧ୍ୟମ ଏବଂ ଉ ମ । କୌଣସି କାର୍ଯ୍ୟ ଆରମ୍ଭ କଲେ ଜାଳେ କିଛି ବିଘ୍ନ ଘଟିବ ସେହିଯାଇଁ ଅଧମ ବ୍ୟକ୍ତି କୌଣସି କାମ ଆରମ୍ଭ କରନ୍ତି ନାହିଁ । କାମ ଚଳରିବା ଫଳରେ ସେମାନେ ଦୁଃଖ କଷ୍ଟରେ ଚଳନ୍ତି । ଯେଉଁମାନେ କୌଣସି କାମ କରନ୍ତି କିନ୍ତୁ ବିଘ୍ନ ସୃଷ୍ଟି ହେଲେ ଅଧାରୁ କାମ ଛାଡ଼ି ଦିଅନ୍ତି ସେମାନଙ୍କର ଚେଷ୍ଟା ବିଫଳ ହୁଏ ଧନ ହାନୀ ଘଟେ, ପ୍ରଶଂସାପାତ୍ର ହୁଏ । ସେମାନେ ମଧ୍ୟମ ବ୍ୟକ୍ତି । ସଂସାରରେ ଆଉ କେବେକ ଲୋକ ଅଛନ୍ତି ଯେଉଁମାନେ କାମ ଆରମ୍ଭ କରନ୍ତି କାମରେ ବିଘ୍ନ ଜୁଟିବେ ମଧ୍ୟ ସମ୍ପର୍ଦ୍ଦା ଅର୍ଜନ ନକଲା ପର୍ଯ୍ୟନ୍ତ କାମକୁ ଛାଡ଼ି ଯେତେ କାମରେ ବାଧାବିଘ୍ନ ଆସିଲେ ମଧ୍ୟ କାମରେ ସଫଳତା ନ ଆସିବା ପର୍ଯ୍ୟନ୍ତ ସେ ବିତତ ହୁଅନ୍ତି ନାହିଁ । ସେ ହିଁ ଉ ମ । ଏହିପରି ଉ ମ ଓ ନାତିନିଷ୍ଠ ବ୍ୟକ୍ତିମାନେ ହିଁ ଜୀବନରେ ଉନ୍ନତି କରନ୍ତି ଯାହା ସ୍ମର୍ଣ୍ଣରେ ପ୍ରେମଲତା ପାଲ ଠାରେ ଦେଖାଯାଇଥିଲା । ସମ୍ପର୍କରେ ଥିଲେ ସେ ମୋ ଖୁଡ଼ୀ । ସମୟର ଚଳାଣି ସୁଅ ଭିତରେ ମନେପଡ଼ୁଛି ଅନେକ କଥା । ମୋ ସ୍ମର୍ଣ୍ଣରେ ବାଘା କୃଷ୍ଣଚନ୍ଦ୍ର ପାଲ ପାରାଗୁପ ପୋର୍ଟର ଜଣେ ସହଚାରୀ ଲଞ୍ଜିନିୟର ରାଜେନ୍ଦ୍ରାଗୁପ ସହ ନିଜ କର୍ମମୟ ଜୀବନ ଅତିବାହିତ କରୁଥିବାବେଳେ ହିଁ ତାଙ୍କ ଜୀବନ ଦୀପ ଅଳାଇଲେ ନିର୍ବାପିତ ହୋଇଗଲା । ସେ ସମୟରେ ଖୁଡ଼ୀ ଅନେକ କଷ୍ଟ ସହିଛନ୍ତି । ତାଙ୍କ ବଡ଼ପୁଅ ରଣ୍ଣାରଞ୍ଜନ ସେତେବେଳେ ପଂଚମ ପଢୁଥାଏ । ଦୁଇପୁଅ ରଣ୍ଣାରଞ୍ଜନ ଓ ଜ୍ଞାନରଞ୍ଜନ, ଝିଅ କଳ୍ପନା ଓ ଶୁଭଲକ୍ଷ୍ମୀଙ୍କୁ ସେ ପାଠପଢ଼ାଇ ମଣିଷ କରି ଆଜି ସମାଜରେ ଜଣେ ଯୋଗ୍ୟତମ ଖେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି । ଜଗତସିଂହପୁର ଜେଲାବାଦ ସନ୍ନିକଟ ସାନିଲୋରେ ପ୍ରେମଲତା ପାଲଙ୍କ ଜନ୍ମସ୍ଥାନ । ତାଙ୍କ ଜୀବନର ସ୍ୱତନ୍ତ୍ର ଗୁଣ ହେଉଛି ସେ ଯାହାକୁ ଘରେ ଦେଖିବା ମାତ୍ରେ ଖାଲି ପେଟରେ ଛାଡ଼ିବେ ନାହିଁ ନିଶ୍ଚୟ କିଛି ହାତ ତି ଆରି ଜିନିଷ ପେଟ ଭରି ଖୋଇଦେ । ନାରୀ ଶିକ୍ଷାର ଜଣେ ଜାଗ୍ରତ ପ୍ରହରୀ ସେ ଥିଲେ । ମାଆ ଶାରଳାଙ୍କ ଭାବୀ ଜୀବନରେ ସହ ଲକ୍ଷ୍ମୀ ସୁଭାଶ ଓ ମା'ଶାରଳାଙ୍କ ସ୍ମୃତିପାଠ ନିତିଦିନ ସେ କରୁଥିଲେ । ତାଙ୍କ ସ୍ନେହ ଆଶୀର୍ବାଦରେ ଆମ ପେଟର ଅଂଚଳର ଅନେକ ଛିଅ ପାଠପଢ଼ି ଚାକିରୀ କରି ଆଜି ଅତ୍ୟନ୍ତ ଯୋଗ୍ୟ ହୋଇପାରିଛନ୍ତି । ତାଙ୍କ ଜଣାତରେ ଯାହାଘରେ କୌଣସି ଅଭାବ ଅସୁବିଧା ସେ ଦେଖୁଥିଲେ ସେ ଖୋଲା ହାତରେ ଅଜାତରରେ ସାଧ୍ୟାଯ କରିବା ପାଇଁ ଦିନେ ମାତ୍ର କୁଣ୍ଠା କରୁନଥିଲେ । ବୃକ୍ଷ ରୋପଣ ଠାରୁ ଅଭାବୀ ନିରାଶ୍ରୟ ରୋଗୀ ମାନଙ୍କୁ ସେବା କରିବା, ବନ୍ୟା, ବାତ୍ୟା ଓ ଅଭାବ ସମୟରେ ଲୋକମାନଙ୍କୁ ଖୋଲା ମନରେ ସାହାଯ୍ୟ କରିବାରେ ତାଙ୍କର ଦିନେ ମାତ୍ର କାର୍ପଣ୍ୟତା ନଥିଲା ।

ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ । ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ ତା ଭିତରେ ଥିବା କ୍ଷୁଦ୍ରତା

ଦୈନିକ
ଆରମ୍ଭ
SEITHO ARAMBHA

ସୋମବାର, ୨୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଜିଲ୍ଲାସ୍ତରୀୟ ମହାରାଜ ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ

ପାରଳାଖେମୁଣ୍ଡି, ୨୬/୦୪(ଆ.ପ୍ର) : ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଭାଷାଭିତ୍ତିକ ରାଷ୍ଟ୍ର ନିର୍ମାଣର ବଳିଷ୍ଠ ବିନ୍ଧାଣୀ ଉତ୍କଳ ଗୌରବ ପାଇଁ ଗୌରବର ସ୍ୱାକ୍ଷର ବହନ କରୁଥିବା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ମୋହନା ଦାଶରଥୀ ଗମାଙ୍ଗ, ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି କାମଦେବ ବଡ଼ନାୟକ, ରାଜ୍ୟପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ପାରଳା ପୌରପରିଷଦ ଅଧ୍ୟକ୍ଷ ନିର୍ମଳା ଝେଠୀ , ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଲ ସମେତ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଜନ ପ୍ରତିନିଧି, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସମାଜସେବୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବଜାର ଛକ ସ୍ଥିତ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସହରରେ ଗାନ୍ଧୀ ଛକ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ମହାରାଜାଙ୍କ ସ୍ମୃତି ଶୌଧଠାରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ବିଚାରଧ୍ୟା ଓ ପାଳକ ଆଖଡ଼ା ବୋଳ କଳା ପ୍ରଦର୍ଶନ ଦେଖାଇ ଶୋରାଯାତ୍ରା ସହର ପରିକ୍ରମା କରାଯାଇଥିଲା । ପରେ ପରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ରାଜ୍ୟପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ସଭାପତି, ଜିଲ୍ଲାପରିଷଦ ଗଜପତି, ପାରଳା ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ଝେଠୀ, ଗୋଷ୍ଠୀ ସଂଗୟତ ସମିତି ଅଧ୍ୟକ୍ଷ ଏନ୍.ବୀରଚାଲୁ ନିର୍ବାହୀ ଅଧିକାରୀ ପୌରପରିଷଦ ପାରଳାଖେମୁଣ୍ଡି ଲକ୍ଷ୍ମଣ କୁମାର ମୁର୍ମୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ଯୋଗ ଦେଇଥିଲେ । ସମସ୍ତ ଅତିଥି ଗଣ ନିଜ ନିଜ ଅଭିଭାଷଣରେ କହିଥିଲେ ଯେ ଭାଷା ଭିତ୍ତିରେ ଓଡିଶା ପ୍ରଦେଶ ଗଠନ କରିବାରେ ମହାରାଜା ଅନ୍ୟତମ, ମହାରାଜା ଅଂଚଳ ପାଇଁ ବିକାଶର, ଉନ୍ନତି, ନିରପେକ୍ଷ ଭାବେ ରାଜ୍ୟ ଶାସନ ଏବଂ ସମସ୍ତଙ୍କୁ ନେଇ ବିକାଶ କରିବା ତାଙ୍କର ମୂଳମନ୍ତ୍ର ଥିଲା ଓ ଓଡ଼ିଆ ଜାତିକୁ ସର୍ବାଗ୍ରେ ପଦଂଦାଇବା ସହ ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିବାରେ ମହାରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମହାରାଜା ଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏଥିରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଲ, ଉପଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତୁଷାରମୟ ସେନାପତି ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଅମୃତ୍ୟ କୁମାର ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ର , ଶିକ୍ଷକ ଶିକ୍ଷୟିତ୍ରୀ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଗଣ ଓ ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣ ପ୍ରମୁଖ ଯୋଗ ଦେଇଥିଲେ ।

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଲା ବନବିଭାଗ

ଏରସମା, ୨୬/୦୪(ଆ.ପ୍ର) : ଜଗତସିଂହପୁର ଜିଲ୍ଲା, ଏରସମା ବ୍ଲକର ଶିଆଳି ଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହବା ଦୁଇ ଦିନ ପୂର୍ବରୁ ଏହା ଜଙ୍ଗଲ ଜମିରେ ନିର୍ମାଣ ହୋଇଥିବା ଦର୍ଶାଇ ବନବିଭାଗ ପ୍ରତିମୂର୍ତ୍ତି ଭାଙ୍ଗିଦେବା । ଘଟଣାକୁ ନେଇ ତ୍ରିବିଧ ଅସନ୍ତୋଷ ଦେଖିବାକୁ ମିଳିଛି । ବାଲିଯାତ୍ରା କମିଟି ପକ୍ଷରୁ ଦାମୋଦର ରାଉତଙ୍କର ଏହି ପ୍ରତିମୂର୍ତ୍ତି ଆସନ୍ତା ୨୬ତାରିଖରେ ଉନ୍ମୋଚନ କରାଯାଇଥାଆନ୍ତା । ଏଥିନିମନ୍ତେ ଫଳକ ଲେଖା ସରିଥିଲା ନିର୍ମାଣ ପନ୍ଥ ବି ଛପା ସାରିଥିଲା ।କାଳି ହଠାତ ବନ ବିଭାଗ ପକ୍ଷରୁ ଭାଙ୍ଗିଦିଆଯାଇଛି । ଏନେଇ ବାଲିଯାତ୍ରାର ସ୍ଥାନ ସଭାପତି ନିରାକାର ସ୍ୱାଇଁ କହିଛନ୍ତି ଯେ ଅତିକୃତ ଭାବେ ଭାଙ୍ଗି ଦିଆଯାଇଛି ଦ୍ୱାରା ଦାମୋଦର ରାଉତ ଖାଲି ଏରସମାର ନେତାନଥିଲେ ସମଗ୍ର ଓଡିଶାର ନେତା ଥିଲେ । ଜଗତସିଂହପୁର ଜିଲ୍ଲାର ତାଙ୍କର ବଳକ ଅବଦାନ ରହିଛି । ପାରାବୀପ କଥା କୁହନ୍ତୁ କିମ୍ବା କ୍ଷେତ୍ର କୁହନ୍ତୁ ଜିଲ୍ଲା ର ମୁଖ୍ୟ ନାୟକ ଥିଲେ ସେ ସମଗ୍ର ଭାରତ ବର୍ଷ ରେ ଫଂଗୟତ ରାଜ ବିଭାଗ ରେ ଶେଷ ମନ୍ତ୍ରୀ ଉପାଧି ମିଳିଥିଲା । ଯେପରି ଫୋରେଷ୍ଟାର ଅକ୍ଟ ଲାବରେ ଭାଙ୍ଗିଦେବେଗଲା । ସେଥିପାଇଁ ଆମେ ମର୍ମାତ ଅତ୍ୟନ୍ତ ଦୁଃଖିତ । ଯେଉଁ D. F ଫୋରେଷ୍ଟାର ଅଚଳରେ ଏହିଂସେଇଁ ମାନେ ଭାଙ୍ଗାରେ ସାମିଲ କରେ ଏରସମାର ବଡ଼ପୁତ୍ରକୁ ଏରସମାର ଦରଦି ଜଣୁଛୁ ସଜଗ ଏରସମାଙ୍କୁ ସଜାଡ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ତାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଦିଆଗଲା ମୁଁ ଅନୁରୋଧ କରିବି ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ହବା ଦରକାର ।

ବିନାୟକ ପୁରରେ ବିଶାଳ ଅମୃତ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ

କାଶୁଦେବପୁର, ୨୬/୦୪(ଆ.ପ୍ର) : ଉତ୍କଳ ଜିଲ୍ଲା କାଶୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁରରେ ଶ୍ରୀ ସତ୍ୟ ସାଇ ସେବା ସଂଗଠନ ଓଡ଼ିଶା ପକ୍ଷରୁ ଚ୍ରାଷ୍ଟ୍ରାଳୀନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଅମୃତ ବିନ୍ଦୁ' ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଯୁବକ ଓ ଯୁବତୀମାନେ ବହୁ ସଂଖ୍ୟାରେ ଯୋଗଦେଇ ରକ୍ତଦାନ କରି ସମାଜ ପ୍ରତି ନିଜର ଦାୟିତ୍ୱବୋଧ ପ୍ରଦର୍ଶନ କରିଛନ୍ତି । ଉତ୍କଳ ଜିଲ୍ଲା କାଶୁଦେବପୁର ବ୍ଲକର ବିନାୟକପୁର ସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ପ୍ରାଥମିକ ସ୍ୱାସ୍ଥ୍ୟ ପରିଷଦରେ ଶ୍ରୀ ସତ୍ୟ ସାଇ ସେବା ସଂଗଠନ ଓଡ଼ିଶା ତରଫରୁ ଚ୍ରାଷ୍ଟ୍ରାଳୀନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଅମୃତ ବିନ୍ଦୁ' ଅନ୍ତର୍ଗତ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । 'ରକ୍ତଦାନ ଏକ ମହତ୍ ଦାନ' ଏହି ବାର୍ତ୍ତାକୁ ଆପଣାଇ ଅନେକ ଯୁବକ ଓ ଯୁବତୀ ସ୍ୱେଚ୍ଛାରେ ରକ୍ତଦାନ କରିଥିଲେ । ଏହି ଶିବିରରେ ସାଲ ଜିଲ୍ଲା ଉତ୍କଳ-୨ର ସଭାପତି ବୃନ୍ଦାବନ ଚନ୍ଦ୍ର ଦେହେରା, ସମିତି ଆବାହକ ସଚ୍ଚିନ୍ଦ୍ର କୁମାର ମଲ୍ଲିକ, ରକ୍ତଦାନ ଶିବିର ଇନଚାର୍ଜ ରମାକାନ୍ତ ଦାସ, ଜିଲ୍ଲା ଇନଚାର୍ଜ ଉତ୍ତମନାରାୟଣ ପଣ୍ଡା, ପଣ୍ଡିତ ନିରଞ୍ଜନ ମିଶ୍ର, ବିଜୁପ୍ରିୟ କୁମାର ବାରିକ, କରୁଣାକର ଡାଙ୍ଗୁଆ, ମାନସ ନାୟକ, ସନ୍ତୋଷ କୁମାର ବାରିକ, ଖଗେନ୍ଦ୍ର ପ୍ରସାଦ ଦାସ, ପାର୍ବତୀ ସାହୁ, ମଧୁଲତା ବାରିକ ଓ ଜଳଧର ଦାସ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ ।ସମସ୍ତଙ୍କ ଉଦ୍ୟମରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା । ଏହି ମହତ କାର୍ଯ୍ୟ ବିଭିନ୍ନ ବୁଦ୍ଧି ଯିବି ମାହଲରେ ଉଚ୍ଚ ପ୍ରଶଂସା କରୁଛନ୍ତି ।

ଗ୍ରୋସରୀ ଦୋକାନରୁ ଚୋରି ଘଟଣାରେ ଜଣେ ଗିରଫ

ନିମାପଡା, ୨୬/୦୪(ଆ.ପ୍ର) : ପୁରୀ ଜିଲ୍ଲା ଡାଙ୍କିଛକ ଥାନା ଅନ୍ତର୍ଗତ ମୁଖ୍ୟ ବଜାରରେ ଥିବା ମହାବୀର ଗ୍ରୋସରୀ ଦୋକାନରୁ ଚୋରି କରିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଜଳଛତ୍ର ଗ୍ରାମର ପିଂଟୁ ମିଶ୍ର (୨୬) । ଗତ ୨୩ ତାରିଖ ବିଳମ୍ବିତ ରାତିରେ ମୁଖ୍ୟ ବଜାରର ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରେ ଥିବା ସୁକାନ୍ତ ସାହୁଙ୍କ ଗ୍ରୋସରୀ ଦୋକାନର ଆଜବେଷ୍ଟସ୍ ଭାଙ୍ଗି ଦୁର୍ବୃତମାନେନଗଦ ଲକ୍ଷାଧିକ ଟଙ୍କା ଓ ସାମଗ୍ରୀ ଲୁଟି ନେଇଥିଲେ । ଏ ସମ୍ପର୍କରେ ଦୋକାନ ମାଲିକ ସୁକାନ୍ତ ସାହୁ ଚାଚିଛକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଜାଲଜିନ ଜାରି ରଖିଥିଲା । ଗତକାଲି ବିଳମ୍ବିତ ରାତିରେ ପୁଲିସ ପେଟ୍ରୋଲିଂ କରୁଥିବା ସମୟରେ ସନ୍ଦେହଜନକ ଭାବେ ବୁଲୁଥିବା ପିଂଟୁକୁ ଅଟକ ରଖି ପଚରାଉଚରା କରିଥିଲା । ପଚରାଉଚରା ବେଳେ ସେ ଚୋରି କରିଥିବା କଥା ସ୍ୱୀକାର କରିଥିଲା । ପୁଲିସ ଅଭିଯୁକ୍ତ ପାଖରୁ ୨ ହଜାରରୁ ଅଧିକ ନଗଦ ଟଙ୍କା ଏବଂ କିଛି ଚୋରି ସାମଗ୍ରୀ ଜବତ କରିଛି । ଆଜି ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଆନାଅଧିକାରୀ ଶୋଭରାଣୀ ପ୍ରିୟଦର୍ଶିନୀ ମହାନ୍ତି, ତଦନ୍ତ କାରି ଅଧିକାରୀ ଇନ୍ଦ୍ରଜିତ ମିଶ୍ର ଓ ଭାଗିପ୍ରିୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକ ପାଳିତ

ଜଗତସିଂହପୁର, ୨୬/୦୪(ଆ.ପ୍ର) : ଅବସରପ୍ରାପ୍ତ ଅଧ୍ୟାପକ ସ୍ୱର୍ଗତଃ ଭଗବାନ ବିଶ୍ୱାଳଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆଜି ଅୟର ଗ୍ରାମପଂଚାୟତ ଅନ୍ତର୍ଗତ ଆମବଚର ଗ୍ରାମରେ ପାଳିତ ହୋଇଯାଇଛି । ଅଧ୍ୟାପକ ଭଗବାନ ବିଶ୍ୱାଳ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ରାଜ୍ୟ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ କୃତୀ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଅଲେଖ ଚନ୍ଦ୍ର ଦେହେରା ଓ ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ, ପୂର୍ବତନ ପୌରାଧ୍ୟକ୍ଷ ବିଷ୍ଣୁଦତ ଚୌଧୁରୀ, ଅଧ୍ୟକ୍ଷ ପ୍ରତାପ କୁମାର ରାଉତରାୟ, ସ୍ଥାନୀୟ ସରପଂଚ ମାନସ କୁମାର ବିଶ୍ୱାଳ,ବନମାଳୀ ମହାରଣା, ଫେନାସ ଚନ୍ଦ୍ର ମଲ୍ଲିକ, ପରୀକ୍ଷିତ ମହାନ୍ତି, ନିରଞ୍ଜନ ପାତ୍ର, ସୁଶ୍ରୀ ଗୀତା ରଥ, ରବି ନାରାୟଣ ରଥ, ରାଜକିଶୋର ସାହୁ, ସବାଶିବ ବିଶ୍ୱାଳ ଅଭୁଣ କୁମାର ରାଉତରାୟ, ବାବାଜୀ ଚରଣ ସାହୁ,ଅଜୟ କୁମାର ବଳାଳ, ରଞ୍ଜନ କୁମାର ମିଶ୍ର,ତୋଫାନ ଚରଣ ନାୟକ, ଉପନ କୁମାର ରାଉତରାୟ, ବିଜନ ମହାପାତ୍ର,ସରୋଜ କୁମାର ଦ୍ୱିବେଦୀ, ପୁତୁ ଅଜିତ ବିଶ୍ୱାଳ, ସୁଜିତ ବିଶ୍ୱାଳ, ରଂଜିତ ବିଶ୍ୱାଳ ଓ ଝିଅ ସୌଭାଗ୍ୟଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଶେଷରେ କାର୍ଯ୍ୟକାରୀ କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜର୍ଣ୍ଣାଲିଷ୍ଟ ପ୍ରିମିୟମ ଲିଗ ସିଜନ ୨ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ଜଳମପୁର, ୨୬/୦୪(ଆ.ପ୍ର) : ଜଳମପୁର ବ୍ଲକ ଜର୍ଣ୍ଣାଲିଷ୍ଟ ପ୍ରିମିୟମ ଲିଗ ସିଜନ ୨ କ୍ରିକେଟ ଟୁର୍ଣ୍ଣାମେଂଟ ମହା ସମାରୋହରେ ଉଦଯାପିତ ହୋଇଯାଇଛି । ଏହି ଖେଳ ଜଳମପୁର ମିନି ଷ୍ଟାଡିୟମ ଠାରେ ଗତ ୨୦ତାରିଖ ଦିନ ଶୁଭ ଉଦଘାଟନ ହୋଇଥିଲା, ଏଥିରେ ସର୍ବମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ, ଜଳମପୁର ମାଁ ଜଙ୍କେଶ୍ୱରୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପରେ ଖେଳାଳି ଓ ଖେଳ ପରିଚାଳନା କମିଟିର ସଦସ୍ୟମାନେ ବିରାଟ ଶୋଭାଯାତ୍ରାରେ ବ୍ୟାଣ୍ଡବାଜା ସହିତ ନଗର ପରିକ୍ରମାରେ ବାହାରି ମଶାଲକୁ ଖେଳ ପଡ଼ିଆରେ ସ୍ଥାପନ କରିବା ପରେ ଟୁର୍ଣ୍ଣାମେଂଟ ଆରମ୍ଭ ହୋଇଥିଲା । ଏଥିରେ ଜଳମପୁର ଫଂଚାୟତ ଏକାଦଶ ଦଳ ଚାମ୍ପିଅନ ହୋଇଥିବା ବେଳେ ରନ୍ନକନା ଫଂଚାୟତ ଏକାଦଶ ଦଳ ରନର୍ସଅପ ହୋଇଥିଲେ । ଏହି ଟୁର୍ଣ୍ଣାମେଂଟ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଖେଳ ପରିଚାଳନା କମିଟିର ସଭାପତି ଭାବେ ପରମାନନ୍ଦ ଠାକୁର, ସାଧାରଣ ସମ୍ପାଦକ ଶେଷଦେବ ନାଏକ, କାର୍ଯ୍ୟକର୍ତ୍ତା ତୁନା ବିହାରୀ, ଅଜିତ ପୁଝାରୀ ଦାୟିତ୍ୱ ନିର୍ବାହ କରିଥିଲେ, ଏଥିରେ ଶ୍ରୀଶ୍ରୀତ ପଣ୍ଡା,ସଦିର କୁମାର ଧଙ୍ଗଡ଼ାମାଝୀ ନାଳକଣ୍ଠ ନାଏକ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସୁବାଷ ପଟ୍ଟନାୟକ, ଚନ୍ଦ୍ରମୋହନ ନାଏକ, ଭବାନୀଶଙ୍କର ଗହିର, ଲଛା ରାଉ ଖେଳ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ । ପଡ଼ୁଆଗୁଡ଼ା ଗ୍ରାମର ବୁଦ୍ଧାରାଜା ଟେଂଟ ହାଉସ ମଂଚ ସାଜସଜ୍ଜା କରିଥିବା ବେଳେ ବଙ୍କାପଲା ଗ୍ରାମର ଗଣପତ କୁମାର ଖେଳର ସିଧା ପ୍ରଶାରଣ ଓ ଦେପୁର ଗ୍ରାମର ସୂରଜ ମେଲୋଡି ବ୍ୟାଣ୍ଡବାଜା ଦାୟିତ୍ୱ ନିର୍ବାହ କରିଥିଲେ, ଜଳମପୁର ବୀର ହନୁମାନ ସାଂସ୍କୃତିକ ଅନୁଷ୍ଠାନର କର୍ମଚାରୀ, ବଳରାଙ୍ଗବଳୀ ଟ୍ରଂଚ ବଳର ସଦସ୍ୟମାନେ ସହଯୋଗ କରିଥିଲେ । ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜେପିସଲ ସିଜନ ୨ ସଫଳତା ସହିତ କରିଥିବାରୁ ଆୟୋଜକ କମିଟି ସମସ୍ତ ଶୁଭେଚ୍ଛୁ ସହଯୋଗୀ, ଭିଡ଼ାବିତ ଓ ଦର୍ଶକ ମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଖେଳାଳି ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଅତିଥି ଭାବେ ଯୋଗ ଦେଇଥିଲେ ଜଳମପୁର ବିଡ଼ିଓ ବିଜୟ କୁମାର ମାଝୀଙ୍କ, କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ରମ, ସୁମନ୍ତ ଦଣ୍ଡପାଟ, ଟିପିଏମ ରିଗାନିୟସ ଏକ୍ସା, ଜଳମପୁର ଯୋନ ୨ ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ଜଂଘ, ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଦେପୁର ଗ୍ରାମର ସମାଜସେବୀ ଦୁର୍ଗା ପ୍ରସାଦ ପାତ୍ର, ବୁଢାଗୀ ଗ୍ରାମର ଶିକ୍ଷାବିତ ଶତ୍ରୁଘନ ବାଗ, ଆଳନଜରୀବୀ ସୁଶିଳ କୁମାର ରାଉତ, ସମାଜସେବୀ ବେଣୁ ନାଏକ ସମେତ ମୁଖ୍ୟ ଅତିଥି ଭାବେ ଜୁଆଗାଡ଼ ଅଂଚଳର ସମାଜସେବୀ ବେଣୁ ବୀପ ଓ ତାଙ୍କ ସହଯୋଗୀ ଦଳ ଉପସ୍ଥିତ ଥିଲେ ।

ଚିରନ୍ତନ ବିକାଶ ଓ ପର୍ଯ୍ୟାବରଣ କର୍ମଶାଳା



ଭୁବନେଶ୍ୱର, ୨୬/୦୪(ଆ.ପ୍ର) : ସ୍ୱଦେଶୀ ଜାଗରଣ ମଂଚ,ଓଡିଶା ତରଫରୁ ବଦୋପନ୍ତ ଡେଙ୍ଗଡି ବିଚାର ପ୍ରବାହ ଆନୁକୂଲ୍ୟରେ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ଚିରନ୍ତନ ବିକାଶ ଓ ପର୍ଯ୍ୟାବରଣ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏହି କର୍ମଶାଳାର ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ପ୍ରାକ୍ତନ ରାଷ୍ଟ୍ରୀୟ

ଆରମ୍ଭ
SEITHO AKAMBHA
ସୋମବାର, ୨୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବିନା ସୂଚନା ଫଳକରେ ଚାଲିଛି ସ୍କୁଲ ଉନ୍ନତିକରଣ କାର୍ଯ୍ୟ, ନିମ୍ନମାନର ନିର୍ମାଣ ପାଇଁ ଭିଜିଲାନ୍ସ ତଦନ୍ତ ଦାବି

ବଣାଙ୍ଗି, ୨୬/୦୪(ଆ.ପ୍ର) : ସୁନ୍ଦରଗଡ଼ ଜିଲା ବଣାଙ୍ଗି ବ୍ଲକ ଅନ୍ତର୍ଗତ କଣ୍ଡତା ପଂଚାୟତସ୍ଥିତ କଣ୍ଡତା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାଙ୍ଗିଗଲା ଅବସ୍ଥା ଅତ୍ୟନ୍ତ ଦୟନୀୟ । ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୋପକେ । ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଏକ ଗରିବ ଛାତ୍ରଙ୍କ ଛତ୍ର ଓ ଅଧିକାରକୁ ଖୁସି କଲାଭଳି ଚିତ୍ର ଏଠାରେ ଦୃଶ୍ୟମାନ । ସୂଚନା ଫଳକ ବିନା କାର୍ଯ୍ୟ କରାଯାଇ କ୍ୟାପକ ଅନିୟମିତତା ଓ ତୁର୍ନୀତି ଅଭିଯୋଗ ଆସିଛି । ଲକ୍ଷରକ୍ଷ ଟଙ୍କାର କାମ ଚାଲିଥିଲେ ମଧ୍ୟ ବିନା ସୂଚନା ଫଳକରେ କାର୍ଯ୍ୟ କରାଯାଇଛି, ଯେଉଁଥିରେ ସରକାରୀ ନିୟମ ଉଲ୍ଲଂଘନ ହେଉଛି । ଏହି ଅନିୟମିତତା ଯୋଗୁଁ କୋଠା ଏବଂ ପାଚେରୀର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନଚିହ୍ନ ସୃଷ୍ଟି ହେଉଥିବା ବେଳେ ଠିକାଦାର ଓ ଅଧିକାରୀଙ୍କ ମଧ୍ୟରେ ଚର୍ଚ୍ଚା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି । ଏହି କାର୍ଯ୍ୟ ସୁନିଶ୍ଚିତ ଭାବରେ ନା ଠିକାଦାର ଆସନ୍ତି ନା ବିଭାଗୀୟ ଯନ୍ତ୍ରୀ ଆସନ୍ତି । କେବଳ, ମିସ୍ତ୍ରୀ ତାଙ୍କ ହିସାବରେ କାମ ସାରୁଥିବା ଦେଖିବାକୁ ମିଳିଛି । ସବୁକିଛି ବୁଝିବା ପୂର୍ବରୁ ଅବୁଝା ହୋଇପଡ଼େ ସରକାରୀ ବ୍ୟବସ୍ଥା । ସରକାର ଶିକ୍ଷାକ୍ଷେତ୍ରରେ ଜାରୁଡ଼ି ଅଣିବା ପାଇଁ ଗ୍ରାମାଂଚଳରେ ବିଦ୍ୟାଳୟମାନ ସ୍ଥାପନା କରିଥିଲେ । ହୁଅାଙ୍କୁ ପାଠପଢ଼ା ପାଇଁ ଆଉ ଦେଶୀ ଦୂର ଯିବାକୁ ପଡ଼ିବନି । ନିଜ ନିଜ ଗାଁ ସ୍କୁଲରେ ପାଠ ପଢ଼ିବାର ସୁଯୋଗ ପାଇପାରିବେ । ଏଥିପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି । ପ୍ରାଥମିକ ବିଦ୍ୟାଳୟ କୋଠା ଦୟନୀୟ ଅବସ୍ଥା କା ଛାତ୍ରୀଛାତ୍ର ପାଠ ପଢ଼ିବା ପାଇଁ ଅନୁପଯୋଗୀ ଥିବାରୁ ୨୦୨୧/୨୨ ମସିହାରେ ବିଗତ ସରକାର ସମୟରେ ୫ଟି ମାଧ୍ୟମରେ ଏକ ନୂଆ ବିଦ୍ୟାଳୟ କୋଠା ନିର୍ମାଣ କରାଗଲା । ଗୋଟିଏ କୋଠା ଓ ସ୍କୁଲର ପାଚେରୀ କାମ ସରି ଥିବାବେଳେ ଗେଟ୍ ନିର୍ମାଣ କାମ ଚାଲି ରହିଛି । ଏହି କାମ ଆର୍ଡିଏ ବିଭାଗ ଦ୍ୱାରା ସମ୍ପାଦନ ହେଉଥିବା ଜଣାପଡ଼ିଛି । ବର୍ତ୍ତମାନ ଏହି ସ୍କୁଲ କୋଠାର ତଳ ଫ୍ଲୋରିଙ୍ଗ ମଧ୍ୟ ଫାଟି ଯାଇଣି । ପାଚେରୀ ନିର୍ମାଣ ମଧ୍ୟ ପୁରୁଣା ସିମେଂଟ ଉପରେ ପୁରୁଣା ମଦ ନୂଆଁ ବୋତଲ ପରି ସିମେଂଟ ଛିଟା ମାରି ସାରିଦେଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଦୁର୍ନୀତିକୁ ବଢ଼ାଇ ଦେବା ପାଇଁ ସୂଚନା ଫଳକ କରାଯାଇନାହିଁ । ଆବଶ୍ୟକ ବିବରଣୀ ଲୁଚାଇ ବିଭାଗୀୟ ଅଧିକାରୀ, ଠିକାଦାର ମିଶି ଟଙ୍କା ଆତ୍ମସାତ କରୁଥିବାର ଗନ୍ଧ ବାରି ହୋଇସାରୁଛି । ବିଦ୍ୟାଳୟର କୋଠା, ପାଚେରୀ ଏବଂ ଗେଟ୍ କେତେ ଟଙ୍କାର ଦାୟ ଅଟକଳ ତାହା ସନ୍ଦେହ ପ୍ରକଟ କରୁଛି । ବିଗତ ଦିନରେ ଗଜପତି ଜିଲ୍ଲା ରୁବୁଡିସିଂ ପ୍ରାଥମିକ ବିଦ୍ୟାଳୟରେ ପାଚେରୀ ଧସି ୨ଛାତ୍ରୀଙ୍କର ଜୀବନ ଯାଇଥିଲା । ଏବେ ଏହି ସ୍କୁଲର ଦୁର୍ଦ୍ଦଶା କାହୁ ଆଗାମୀ ଦିନରେ ସେହି ଆସନ୍ତୁ ଦିପଦ ଏଠି ନ ଘଟିବ କିଏ ଜାଣିବ ? ଏହି ପ୍ରକାରର କାର୍ଯ୍ୟ ସରକାରୀ ଅର୍ଥର ଅପବ୍ୟବହାର ସହ ପିଲାଙ୍କ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଛି । ଦୁର୍ଗମ ଅଂଚଳ ବୋଲି ସରକ ଅଧିବାସୀମାନଙ୍କୁ ଇଲୁଆ ବନାଇ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି କରୁଥିବା ନେଇ ଏହାର ଏକ ଜିଜିଲାନ୍ସ ସ୍ତରୀୟ ତଦନ୍ତ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି ।

ଉପ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୨୬/୦୪(ଆ.ପ୍ର) : ଗଜପତି ଜିଲ୍ଲାରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଇ ଦିନିଆ ଜିଲ୍ଲା ଗସ୍ତରେ ଆସି ଆଜି (ରବିବାର) ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ବିଧାୟକ ମୋହନା ଦାଶରଥି ଗମାଙ୍ଗ, ସଭାପତି ଜିଲ୍ଲାପରିଷଦ ଜି.ବିଜୁପତ୍ରି ରାଣ୍ଡ , ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ଜାୟକ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ଚଳବଳ ସିଂହ, ଭାରପ୍ରାପ୍ତ ଜିଲ୍ଲାପାଳ ମୁନିଷ୍ଟା ଦୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ , ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗା ରାଜୁ ପ୍ରମୁଖ ଉପସ୍ଥିତିରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସମୀକ୍ଷା ବୈଠକରେ ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ ବିଷୟକୁ ନେଇ ସମୀକ୍ଷା କରାଯାଇଥିଲା । ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା କାମ ଗୁଡ଼ିକୁ ଦ୍ରୁତଗତି ସାରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ସେହିପରି ଜିଲ୍ଲାର ଦଣ୍ଡୁତ ଗୁଡ଼ିକୁ ବିଦ୍ୟୁତ କରି କିପରି ବିକାଶ ହୋଇପାରିବ ସେନେଇ ବନଖଣ୍ଡ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଛି । ମହେନ୍ଦ୍ରଗିରି ପର୍ବତକୁ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ଆକର୍ଷଣୀୟ କରିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ମିଶନ ଶକ୍ତି ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଫିଡିନ୍ସ କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ବିକାଶ କରିବା ପାଇଁ ଆଲୋଚନା କରାଯାଇଛି । ମିଶନ ଶକ୍ତିର ମହିଳା ମାନଙ୍କୁ ଲକ୍ଷ ପତି ଦିବିଜ ସଂଖ୍ୟା ବୃଦ୍ଧି କରିବା ଓ ମହିଳାମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ଏକ ରାଷ୍ଟ୍ର ଏକ ଜିନିଷ ଲଣ୍ଚ ବିକ୍ରିବଟା କରିବାର ଲକ୍ଷ୍ୟ ରଖିଛି । ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାରେ ମିଶନ ଶକ୍ତି ବଜାର କରିବା ନିମନ୍ତେ ଜାଗା ଚିହ୍ନଟ କରାଯିବ ଓ ମିଶନ ଶକ୍ତି ମହିଳାଙ୍କ ଉତ୍ପାଦିତ ଦ୍ରବ୍ୟକୁ ବଡ଼ ବଜାରରେ କିପରି ବିକ୍ରି ବଟା କରାଯାଇ ପାରିବ ସେନେଇ ବିଭାଗୀୟ ମାନଙ୍କ ସହିତ ଆଲୋଚନା କରାଯାଇଥିଲା । ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଦିଏନ୍ ରାଜପ୍ରାସାଦପରିଦର୍ଶନ କରି ଜିଲ୍ଲାର ଜୀବନ ରେଖା ଦିଏନ୍ ରାଜପ୍ରାସାଦକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ଦେଷ୍ଟିତ ଜାରି ରହିଛି ବୋଲି କହିଥିଲେ । ଆଜିର ଏହି ସମୀକ୍ଷା ବୈଠକରେ ଗୋଷାଣୀ ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଏନ୍. ବୀରରାଜୁ , ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଜିଲ୍ଲା ମଙ୍କଳ ଅଧିକାରୀ ମନୋରମା ଦେବୀ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ମିଶନ ଶକ୍ତି ବିଭାଗର ସମସ୍ତ କର୍ମଚାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଦଶପଲ୍ଲାରେ ବିଜେପିର ସମାବେଶ ଓ ଶୋଭାଯାତ୍ରା

ଦଶପଲ୍ଲା, ୨୬/୦୪(ଆ.ପ୍ର) : ଭାରତୀୟ ଜନତା ପାର୍ଟି ପଶ୍ଚିମ ଦଶପଲ୍ଲାରେ ରବିବାର ଦିନ ଶୋଭାଯାତ୍ରା ଓ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରା ସହର ପରିକ୍ରମା କରି ମୋଟିଆ ଗୋଚାରରେ ପହଂଚିଥିଲା । ସେଠାରେ ଆୟୋଜିତ ସମାବେଶରେ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିଜେପିର ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଆୟୋଜିତ ସଭାରେ 'ମହିଳା ସଂରକ୍ଷଣ ବିଲ୍'କୁ ନେଇ ବିରୋଧୀ 'ଇଣ୍ଡି' ମୋଂଚର ଆଜିମୁଖ୍ୟମନ୍ତ୍ରୀ ନେତାମାନେ ତୀବ୍ର ଭର୍ତ୍ସନା କରିଥିଲେ । ବିଜେପି ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ ଯେ, 'ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରି ଇଣ୍ଡି ମୋଂଚ ମାତୃଶକ୍ତିର ସ୍ୱପ୍ନ ଓ ଅଧିକାରକୁ ଖୁର୍ଣ୍ଣ କରିଛି । ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମୋଦୀ ସରକାରଙ୍କ ଏହି ଐତିହାସିକ ପଦକ୍ଷେପକୁ ବିରୋଧ କରିବା ସେମାନଙ୍କର ମହିଳା ବିରୋଧୀ ମାନସିକତାକୁ ଦର୍ଶାଉଛି ।' ଏଥିସହିତ ଏହି ପ୍ରସଙ୍ଗରେ ତୃଣମୂଳ ସ୍ତରରେ ଜନଜାଗରଣ ସୃଷ୍ଟି କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବସନ୍ତ କୁମାର ସାହୁଙ୍କ ସମେତ ଅନେକ ପୂର୍ବତନ ସରପଂଚ ଓ ସମିତି ସଭ୍ୟ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଥିଲେ ।

ସତ୍ୟନାରାୟଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଟାଙ୍ଗୀ ଚୌଦ୍ୱାର, ୨୬/୦୪(ଆ.ପ୍ର) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧିନ ନିଶିଣ୍ଡା ଓ ମାଗୁଣା ଧାନମଣ୍ଡଳ ଗ୍ରାମ ସ୍ଥିତ ଶ୍ରୀ ଶ୍ରୀ ସତ୍ୟନାରାୟଣ ମନ୍ଦିରପ୍ରଙ୍ଗଣର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨ଦିନ ବ୍ୟାପୀ ଏହି ଉତ୍ସବ କାର୍ଯ୍ୟକ୍ରମର ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଯଜ୍ଞ ବିଗ୍ରହଙ୍କ ମନ୍ଦିର ସ୍ଥାନ, ଯଜ୍ଞ ନ୍ୟାସ, ପ୍ରାଣ ପ୍ରତିଷ୍ଠା, ଦେବପାଠ, ବିଗ୍ରହମାନଙ୍କ ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ଓ ମହାଧିକ ଭୋଜନ କରାଯାଇଥିଲା । ଏହାବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା, ପ୍ରବଚନ ଏବଂ ଭଜନ ପରିବେଷଣ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶହଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇ ପୁଣ୍ୟଲାଭ କରିଥିବା ସହ ପ୍ରସାଦ ସେବନ କରିଥିଲେ । କମିଟି ସଭାପତି କ୍ଷେତ୍ରବାସୀ ବରାଳ, ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ, ଦେବାଶିଷ ସ୍ୱାଇଁ, ପ୍ରଭୁ କୁମାର ସ୍ୱାଇଁ, ରାଜକିଶୋର ସ୍ୱାଇଁ, ହିମାଂଶୁ ସାମଲ, ବିଭୂତି ଭୂଷଣ ତ୍ରିପାଠୀ, ବଟକୃଷ୍ଣ ବେହେରା, ସମ୍ପନ୍ନ କୁମାର ଗୋଛାୟତ, ରାଜକିଶୋର ମହାରଣା, ରବୀନ୍ଦ୍ର କୁମାର ସ୍ୱାଇଁ, ପ୍ରଦୀପ୍ତ ନାୟକ, ରବୀନ୍ଦ୍ର କୁମାର ମହାଳିକ ସମେତ ନିଷ୍ଠିନ୍ତା, ମାଗୁଣା ଧାନମଣ୍ଡଳ, ଘାସି ଜଲୁପୁର, ଡମକା ଅଂଚଳର ଗ୍ରାମବାସୀମାନେ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଏରସମାରେ ଆମ ପୋଲିସ ସମିତି

ଏରସମା, ୨୬/୦୪(ଆ.ପ୍ର) : ଏରସମା ଅଂଚଳରେ ଆଇନ ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ପାଇଁ ଏରସମା ପୋଲିସ ପକ୍ଷରୁ 'ଆମ ପୋଲିସ ସମିତି'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏସଡିପିଓ ଅଜୟ କୁମାର ଦାସ ଓ ନୂତନ ଥାନା ଅଧିକାରୀ ପାର୍ଥ ପ୍ରତିମ୍ ଦେଶରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ସର୍ବପ୍ରଥମେ ନୂତନ ଥାନା ଅଧିକାରୀ ପାର୍ଥ ପ୍ରତିମ୍ ଦେଇକା 'ଆମ ପୋଲିସ ସମିତି'କାର୍ଯ୍ୟ କଳାପ ବିଷୟରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ପୋଲିସ ଅଧିକାରୀ, ୧୯ ଟଂଚାୟତର୍ରୁ ଆସିଥିବା ସ୍ଥାନୀୟ ପ୍ରତିନିଧି, ସାଧାରଣ ନାଗରିକ, ବରିଷ୍ଠ ନାଗରିକ, ସାମାଜିକ ବନ୍ଧୁମାନେ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ସମାଧାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ଶାନ୍ତପୂର୍ଣ୍ଣ ଓ ସୁସ୍ଥ ସମାଜ ଗଠନ ପାଇଁ ମଦ, ଗଞ୍ଜେଇ ଓ ଡ୍ରାଉନ ସୁଗାର ଭଳି ମାଦକ ଦ୍ରବ୍ୟର ବ୍ୟବହାର ଓ ବ୍ୟପାରକୁ ଲଢୋର ଭାବେ ନିୟନ୍ତ୍ରଣ କରିବା ଉପରେ ଜୋର ଦିଆଯାଇଥିଲା । ଏହି ଅଭିଯୋଗକୁ ଆହୁରି ତେଜ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ସେହିପରି ସଡ଼କ ଦୁର୍ଘଟଣା ସମସ୍ୟାକୁ ନେଇ ମଧ୍ୟ ଗୁରୀର ଚର୍ଚ୍ଚା ହୋଇଥିଲା । ବିଶେଷକରି ଯାତାୟତ ସମୟରେ ମୋବାଇଲ ଫୋନ ବ୍ୟବହାର ଓ ଅତ୍ୟଧିକ ଗତିରେ ଗାଡି ଚଳାଇବାକୁ ଦୁର୍ଘଟଣାର ପ୍ରମୁଖ କାରଣ ଭାବେ ଉଲ୍ଲେଖ କରାଯାଇଥିଲା । ଏହାକୁ ରୋକିବା ପାଇଁ ସଚେତନତା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଅଧିକାରୀ କହିଛନ୍ତି । ଅସାମାଜିକ ଓ ଅନୈତିକ କାର୍ଯ୍ୟକଳାପକୁ ରୋକିବା ନିମନ୍ତେ ବିଶେଷ ଯୋଜନା ପ୍ରସ୍ତୁତ କରାଯାଇଥିବା ସହ କୃଷି ପାଉଥିବା ସାଉଦର କ୍ୟାମ ଓ ଅନଲାଇନ୍ ଠକେଇ ମାମଲା ଉପରେ ସଚେତନତା ଜାଗୃତ କରିବାକୁ ଆହ୍ୱାନ କରାଯାଇଥିଲା । ବୈଠକରେ ମହିଳା, ଶିଶୁ ଓ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତାଙ୍କ ପ୍ରତି ହେଉଥିବା ଅପରାଧକୁ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ଗୋଚି ଓ ଡଳାଯତି ଭଳି ଅପରାଧକୁ ରୋକିବା ପାଇଁ ରାତ୍ରି ଫ୍ୟାଟ୍ରୋଲିଂ ବୃଦ୍ଧି, ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜରରଖିବା ଓ ସାଧାରଣ ଲୋକଙ୍କ ସହଯୋଗକୁ ଆହୁରି ମଜବୁତ କରାଯିବ ବୋଲି ପୋଲିସ ଯୋଜନା କରିଛି ।

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଡାଇଟ୍ ବାର୍ଷିକୋତ୍ସବ ସଂସ୍କୃତି ସଙ୍ଗମ -୨୦୨୬ ଅନୁଷ୍ଠିତ



ପାରଳାଖେମୁଣ୍ଡି, ୨୬/୦୪(ଆ.ପ୍ର) : ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର (ଡାଇଟ୍) ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଡାକ୍ତର ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି (ସ୍ୱୟଂଶାସିତ) ମହାବିଦ୍ୟାଳୟର ଅଧ୍ୟକ୍ଷ ରାଧାକାନ୍ତ ଭୂୟାଁ, ମୁଖ୍ୟବକ୍ତା ଭାବେ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ.କଲ୍ୟାଣୀ ମିଶ୍ର, ସମ୍ମାନିତ ଅତିଥି ରୂପେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଦୂର୍ଗା ପ୍ରସାଦ ପଣ୍ଡା, ଅନୁଷ୍ଠାନର ପୂର୍ବତନ ଶିକ୍ଷକ ପ୍ରଭାତ କୁମାର ରାଏ ଏବଂ ପ୍ରସାଦ କୁମାର ନାୟକ ତଥା ଅନୁଷ୍ଠାନର ଶିକ୍ଷକ ପ୍ରଦୀପ କୁମାର ଜେନା ଓ ଶିକ୍ଷୟିତ୍ରୀ ମମତା ଜେନା ଏବଂ ଅବସରପ୍ରାପ୍ତ ଶିକ୍ଷକ ମନୋଜ କୁମାର ପଣ୍ଡା ମଂଚାସିନ ଅଛେ । ଅତିଥି ମାନେ ଗୁରୁ ତାଲିମାର୍ଥୀ ମାନେ ଜଣେ ଜଣେ ଶ୍ରେଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ହେବାକୁ ପରାମର୍ଶ ଦେଇଥିଲେ । ସମାଜରେ ଜଣେ ଶିକ୍ଷକର ଭୂମିକାକୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଏହି ଅବସରରେ ବିଭିନ୍ନ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ସମ୍ମାନିତ କରିଥିଲେ । ଗଜପତି ଜନା ପରିଷଦର ଗୁରୁ ନରସିଂହ ପ୍ରସାଦ ପାଢ଼ୀଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ମାନେ ପ୍ରାଣମିକ ସଂଗୀତ ଗାନ କରିଥିଲେ । ଶେଷରେ ଏକ ନାଟକ 'ଆଧୁନିକ ମଣିଷ' ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା ।

ଯାତ୍ରୀବାହୀ ବସ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଲେ ୪୦ରୁ ଊର୍ଦ୍ଧ ଯାତ୍ରୀ

ବାଲିଗୁଡା, ୨୬/୦୪(ଆ.ପ୍ର) : ଘରୋଇ ଯାତ୍ରୀବାହୀ ବସ ସହ ଏକ କାରର ମୁହାଁମୁହିଁ ଧକ୍କା ହୋଇ ରାସ୍ତା କଡ଼କୁ ଖସିଲା ବସ । ଅଳ୍ପକେ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତିଲେ ବସରେ ଥିବା ୪୦ରୁ ଊର୍ଦ୍ଧ ଯାତ୍ରୀ । ଜନ୍ମମାନ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଆନା ରାଜ୍ୟ ରାଜପଥ ନଂ. ୧ ମୁଖ୍ୟ ରାସ୍ତାର ପାଇଦର ସାହି ନିକଟରେ ଘଟିଛି ଦୁର୍ଘଟଣା । ପ୍ରକାଶ ଯେ, ପୁଇଦାଣୀରୁ ମୋହନଗିରୀ ଅଭିମୁଖେ ଯାଉଥିବା ମା' ତାରିଣୀ ନାମକ ଘରୋଇ ଯାତ୍ରୀବାହୀ ବସ ଟି ଆସୁଥିବା ବେଳେ ପାଇଦର ସାହି ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଦ୍ୱିପକ୍ଷ ନାମକ ଘରୋଇ ବସକୁ କାଟଟି ଓଭରଟେକ କରିଥିଲା । କାରକୁ ବଂଚାଇବାକୁ ଯାଇ ମା' ତାରିଣୀ ବସର ଡ୍ରାଇଭରଙ୍କୁ ସଙ୍ଗେ ହଠାତ ବ୍ରେକ ମାରିବାରୁ ଗାଡ଼ିଖୁଲ ରେ ବସ ପିଟି ହୋଇଥିଲା । ତେବେ ଦୁର୍ଘଟଣା ରେ ବସ ରେ ବସିଥିବା ଯାତ୍ରୀ ଓ କାର ଡ୍ରାଇଭର ସମୟେ ସୁରକ୍ଷିତ ଥିବା ଜଣାପଡିଛି । ଖବର ପାଇ କ.ନୂଆଗାଁ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

ସ୍ୱର୍ଗତ ରବିନ୍ଦ୍ର ନାଥ ମଲ୍ଲିକଙ୍କ ସ୍ମୃତି ଚାରଣ ସଭା

ଧାମନଗର, ୨୬/୦୪(ଆ.ପ୍ର) : ମଣିଷ ମଲାପରେ ତାର କଳୁ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ କର୍ମମୟ ଜୀବନରେ କରିଯାଇଥିବା ସୁକର୍ମକୁ ଲୋକେ ବୁଲି ପାଳିନଥାନ୍ତି । କେହି କେହି ବିବଙ୍ଗରେ ଆତ୍ମାର ସ୍ମୃତିରେ ଶ୍ରଦ୍ଧାଞ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୭ ଅପ୍ରେଲ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୭

ଜେ ଆର୍ ସି ୟୁନିଟ୍‌ରେ ସାମିଲ ହେଲା ଲିଟିଲ୍ ୱର୍ଲ୍ଡ ଇଂଲିଶ ମିଡିୟମ୍ ସ୍କୁଲ୍

ଡିଜିକା/ବାଣପୁର, ୨୬/୦୪(ଆ.ପ୍ର) : ସାମାଜିକ ଦାୟିତ୍ୱବୋଧ ଓ ମାନବିକ ମୂଲ୍ୟବୋଧକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରସାର କରିବା ଉଦ୍ଦେଶ୍ୟରେ ବାଲୁଗାଁ ସ୍ଥିତ ଲିଟିଲ୍ ୱର୍ଲ୍ଡ ଇଂଲିଶ ମିଡିୟମ୍ ସ୍କୁଲ୍‌ରେ ଜୁନିୟର ରେଡ୍ କ୍ରସ୍ ୟୁନିଟ୍‌ର ଔପଚାରିକ ଉଦ୍ଘାଟନ ହୋଇଯାଇଛି । ନୂତନ ଗଠିତ ଏହି ୟୁନିଟ୍‌ରେ ୨୪ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହିତ ସାମିଲ ହୋଇ ତାଙ୍କର ସେବାମୂଳକ ଯାତ୍ରାର ଆରମ୍ଭ କରିଛନ୍ତି । ଉଦ୍ଘାଟନ ଅବସରରେ ଖୋର୍ଦ୍ଧା ଜୁନିୟର ରେଡ୍ କ୍ରସ୍ ମଧ୍ୟ ଅଫିସର ଗୋପାଳ କୁମାର ରାଉତରାୟ, ସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ ନମିତା ଝା, ସଭାପତି ନୀରଜ କୁମାର ଝା ଓ ଖିଜଡ କାଲନଗେସେଲ୍ ଡ୍ରିଲୋଚେନ ବାରିକ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିନା ରାୟ ଓ ଡିଜିକା ବ୍ଲକ୍ ଶିକ୍ଷା ଅଧିକାରୀ ଦାଶରଥି ଜାନାଥ ଦେହେବାଙ୍କ ମାର୍ଗଦର୍ଶନରେ ସଂପନ୍ନ ହୋଇଥିଲା । ବିଦ୍ୟାରମ୍ଭିସି ଶ୍ରୀମତୀ ଜାନକୀ ଦେଇ ଓ ସିଆରସିସି ପ୍ରଶାନ୍ତ କୁମାର ସାହୁ ମଧ୍ୟ ଏହାରେ ସହଯୋଗ କରିଥିଲେ । ଉପସ୍ଥିତ ଅତିଥିମାନେ ଜୁନିୟର ରେଡ୍ କ୍ରସ୍‌ର ମୂଳ ସିଦ୍ଧାନ୍ତ ସେବା, ସ୍ୱାସ୍ଥ୍ୟ ଓ ସମାଜ କଳ୍ୟାଣର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଏହା ଛାତ୍ରଛାତ୍ରୀଙ୍କ ମନରେ ଶିଷ୍ଟାଚାର, କରୁଣା ଓ କର୍ତ୍ତବ୍ୟବୋଧ ଗଢ଼ି ତୋଳିବାରେ ସାହାଯ୍ୟ କରିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ସ୍କୁଲ୍ ପ୍ରଶାସନ ଜୁନିୟର ରେଡ୍ କ୍ରସ୍ ଆନ୍ଦୋଳନରେ ସାମିଲ ହୋଇଥିବାରେ ଗର୍ବ ବୋଧ କରିଥିବା ସହ, ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସାମାଜିକ ଓ ସ୍ୱାସ୍ଥ୍ୟମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗିଦାର କରାଇବାକୁ ପ୍ରତିବଦ୍ଧତା ଜଣାଇଛି । ଏହି ପ୍ରୟାସ ଲିଟିଲ୍ ୱର୍ଲ୍ଡ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ପାଇଁ ସେବା ଓ ନେତୃତ୍ୱର ପଥରେ ଏକ ଶୁଭ ଆରମ୍ଭ ବୋଲି ମନେ ହୁଏ ।

ମହେନ୍ଦ୍ରଗିରିରେ ଇକୋ ଆଡଭେଂଚର ଫେଷ୍ଟ -୨୦୨୬ ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୨୬/୦୪(ଆ.ପ୍ର) : ଗଜପତି ଜିଲ୍ଲାସ୍ଥିତ ମହେନ୍ଦ୍ରଗିରି ଠାରେ ମହେନ୍ଦ୍ରଗିରି ଇକୋ ଆଡଭେଂଚର ଫେଷ୍ଟ -୨୦୨୬'ର ଶୁଭାରମ୍ଭ ହୋଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ବୁଲ ଦିନିଆ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି । ମହେନ୍ଦ୍ରଗିରିକୁ ରାଜ୍ୟର ଏକ ପ୍ରମୁଖ ପରିବେଶ ଅନୁକୂଳ ସାହସିକ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ି ତୋଳିବା ଏହାର ମୂଳ ଲକ୍ଷ୍ୟ । ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହେନ୍ଦ୍ରଗିରିର ପର୍ଯ୍ୟଟନ ସମ୍ଭାବନାକୁ ଲୋକଲୋଚନକୁ ଆଣିବା ସହ ସ୍ଥାନୀୟ ଅଂଚଳରେ ଜୀବିକାର ସୁଯୋଗ ସୃଷ୍ଟି କରିବା ଏବଂ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଇକୋ ଆଡଭେଂଚର ଫେଷ୍ଟ ଏକ ପ୍ରମୁଖ ପଦକ୍ଷେପ । ଏଥିସହ ଏହି ଅଂଚଳର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କର ଯୋଜନା ସମ୍ପର୍କରେ ଆଲୋଚନାପାତ କରିଥିଲେ । ମହେନ୍ଦ୍ରଗିରିର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଦ୍ୱାରା ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଅଛି ଯାହା ବନଖଣ୍ଡ ଅଧିକାରୀ, ଗଜପତିଙ୍କ ଦ୍ୱାରା କ୍ରିୟାନ୍ୱୟନ ହେବ । ପୂର୍ବଘାଟ ପର୍ବତମାଳାର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଆୟୋଜିତ ଏହି ମହୋତ୍ସବ ମହେନ୍ଦ୍ରଗିରିକୁ ଆଉଟଡୋର ସ୍ପୋର୍ଟସ ଏବଂ ପ୍ରକୃତି ପର୍ଯ୍ୟଟନର ଏକ ଜୀବନ୍ତ କେନ୍ଦ୍ରରେ ପରିଣତ କରିଛି । ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ପାଖାପାଖି ୧୫ ରାଜ୍ୟରୁ ସାହସିକ କ୍ରୀଡ଼ା ପ୍ରେମୀ, କ୍ରୀଡ଼ାବିତ୍ ଏବଂ ପ୍ରକୃତି ପ୍ରେମୀ ଯୋଗ ଦେଇଛନ୍ତି । ଉଦଘାଟନୀ ଦିବସରେ ପ୍ରତିଯୋଗୀମାନେ ପ୍ରାକୃତିକ ପଥର ଉପରେ 'ବୋଲଡରିଂ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ମାଉଣ୍ଟେନ ବାଇକିଂ, ରକ୍ କ୍ଲାଇମିଂ ଏବଂ ଗାଇଡେଡ୍ ଟ୍ରେକ୍‌ଆପରେ ସାମିଲ ହୋଇଥିଲେ । ଏହି ମହୋତ୍ସବରେ ଟ୍ରେକିଂ, ହିଲ୍ ରାଇଡିଂ, ସ୍ନାକଲାଇମିଂ, ରାପେଲିଂ ଏବଂ ଡାଉନହିଲ୍ ସାଇକେଲିଂ ଭଳି ବିଭିନ୍ନ ପ୍ରତିଯୋଗିତାମୂଳକ ଓ ଅନୁକୂଳିତିଗିଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଓଡିଶା ସରକାର "Odisha Adventure Tourism Guidelines-2025" କାର୍ଯ୍ୟକାରୀ କରାଯାଇଛନ୍ତି, ଯାହା ସୁରକ୍ଷା , ପରିଚାଳନା , ପ୍ରମାଣିକରଣ ଏବଂ ପରିବେଶୀୟ ଦାୟିତ୍ୱ ପାଇଁ ଏକ ସ୍ପଷ୍ଟ ଏବଂ ସୁସଂଗଠିତ ଢାଂଚା ପ୍ରଦାନ କରେ । ଭୂ-ଆଧାରିତ ଆଡଭେଂଚର କାର୍ଯ୍ୟକଳାପକୁ ଅଗ୍ରସର କରିବା ଓ ନିୟମିତ କରିବା ପାଇଁ , ପର୍ଯ୍ୟଟନ ବିଭାଗ ସେବୁଆଗା ୨୦୨୬ ରେ Indian Mountaineering Foundation ସହିତ ଏକ ଗଚ୍ଛିତ ସ୍ୱାକ୍ଷର କରିଛି ଏବଂ ଗଚ୍ଛିତ ସ୍ୱାକ୍ଷର କରିବାର ଲକ୍ଷ୍ୟ ସିଂ, ଉପ ମୁଖ୍ୟ ବନ ସଂରକ୍ଷକ (ଇକୋ-ପର୍ଯ୍ୟଟନ) ବିବେକ କୁମାର , ପାରଳାଖେମୁଣ୍ଡି ଡିଏଫଓ କେ. ନାଗାରାଜୁ, ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ , ଗଜପତିର ରାଜପ୍ରାପ୍ତ ଜିଲ୍ଲାପାଳ ମୁଲିନ୍ଦ୍ରା ହୋନାଗା ଏବଂ ଭାରତୀୟ ପର୍ବତାରୋହଣ ଫେଡେରେସନ ସମ୍ପାଦକ ଜାତି ପାଇସଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

କେନ୍ଦୁମୁଣ୍ଡାରେ 'ମନ କି ବାତ୍': ସମସ୍ୟା ଓ ସମାଧାନ ଉପରେ ଗୁରୁତ୍ୱ

ଦିନପାଲି, ୨୬/୦୪(ଆ.ପ୍ର) :ନୂଆପଡ଼ା ଜିଲ୍ଲା ଦିନପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା ପଂଚାୟତର ଧୁଣ୍ଡିଆମୁଣ୍ଡା ବୁଥ ନମ୍ବର-୨୮୧ରେ ଆଜି ୧୩ତମ 'ମନ କି ବାତ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବୁଢ଼ାଦେଓ ମଣ୍ଡଳ ସଭାପତି କୃତିବାସ ତେଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଓ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ସୁବ୍ରତ କୁମାର ପାତ୍ରୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ମନ କି ବାତ୍' କାର୍ଯ୍ୟକ୍ରମର ବିଭିନ୍ନ ପ୍ରସଙ୍ଗ ବିଷୟରେ ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ବୁଥ ସଭାପତି ଜିତେନ୍ଦ୍ର ଖର୍ସେଲ, ସ୍ଥାନୀୟ ସରପଂଚ ମଦନ ଦଣ୍ଡସେନା, ମହିଳା ନେତ୍ରୀ ବୃନ୍ଦାବତୀ ଖର୍ସେଲ, ବିଜାରୀ ଖର୍ସେଲ, ଲାଲୁ ଛତ୍ରିଆ, ସାଧାରଣ ସମ୍ପାଦକ ତରୁଣ ମାଝୀ, 'ମନ କି ବାତ୍' ପ୍ରମୁଖ ମଧୁସୂଦନ ନାଗ, ଜିଲାମୟର ନାଗ, ସମ୍ପାଦକ କିଶୋର ସାହାଣ୍ଡ, ଯୁବ ମୋର୍ଚ୍ଚା ସଭାପତି ଲାମାଶ୍ର ପ୍ରଧାନ ମାଝୀ, ବିଏଲଏ-(୨) ବୁଲସୀରାମ ବାଗ, ଜୟକୃଷ୍ଣ ଦଣ୍ଡସେନା, ବୃନ୍ଦାବନି ଧାଲକଡ଼, ମୁଲେଶ ଜିମଗୋଛିଆ ସହିତ ବହୁତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷ ପରେ ବୁଥ କମିଟିର ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବୈଠକରେ ବୁଥ ଅଂଚଳର ବିଭିନ୍ନ ସମସ୍ୟା ମୋବାଇଲ ଟାୱାର ସ୍ଥାପନ, ପାନୀୟ ଜଳ ଅଭାବ, ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ମୋବାଇଲ ନାଳା ଉପରେ ପୋଲ ନିର୍ମାଣ ଓ ନୂତନ ନଳକୂପ ଖନନ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଏହି ସମସ୍ୟାମାନଙ୍କର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବୈଠକରେ ପ୍ରସ୍ତାବ ଗୃହୀତ କରାଯାଇଥିଲା ।

କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

ବଣପଲ୍ଲୀ, ୨୬/୦୪(ଆ.ପ୍ର) : ବାରୁରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଅବକାରୀ ବିଭାଗ ତତ୍ପର କରି ଏକ କାର୍ ଧରଣର ସମ୍ପତ୍ତି ପାଇଛି । ନୟାଗଡ଼ ଅବକାରୀ ଡିମ୍ ନୟାଗଡ଼-ବଣପଲ୍ଲୀ ସୀମାନ୍ତ ୫୬ ନମ୍ବର ଜାତୀୟ ରାଜପଥର ତ୍ରିକୁଣ୍ଡେଶ୍ୱର ନିକଟସ୍ଥ ଏକ ହୋଟେଲ ସମ୍ମୁଖରୁ କାର୍ ସହିତ ୨ଟି ବସ୍ତାରେ ଥିବା ୩୪ କେଜି ଗଞ୍ଜେଇ ଜବତ କରିଛନ୍ତି । ଯାହାର ଆନୁମାନିକ ମୂଲ୍ୟ ମୂଲ୍ୟ ୩୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି । ଘଟଣାରେ କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଜଡଚପାଣି ଗ୍ରାମର ବିଭୂତି ଭୂଷଣ ମହାନ୍ତ (୩୨) ଏବଂ ଲକ୍ଷ୍ମୀକାନ୍ତ ଜିଲ୍ଲା ଗାଲିଗୁଡ଼ା ଥାନା ଅନ୍ତର୍ଗତ କୋଟିକିଆ ଗ୍ରାମର ପ୍ରତାପ ଦିଗାଳ (୨୨)କୁ ଗିରଫ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି । ଏହି ଚଢ଼ାଉରେ ଅବକାରୀ ବିଭାଗ ରାଜପ୍ରଫୁଲ୍ଲ ଅଧିକାରୀ ଅପିତାଭାଣୀ ସାହୁ, ଏଏସ୍‌ଆଇ ସୁଧୀର କୁମାର ମଲ୍ଲିକ, ସନ୍ତୋଷ କୁମାର ପ୍ରଧାନ, ଅନିଲ କୁମାର ପାଣିଗ୍ରାହୀ, ବ୍ରଜକିଶୋର ପ୍ରଧାନ ଓ ରାଜତୀ ବରାଡ଼ା ସାମିଲ ଥିଲେ ।

କାର୍ଯ୍ୟକ୍ଷମ ହେଉନି ବିଡ଼ିଓଙ୍କ ଦ୍ୱାରସ୍ଥ ଗ୍ରାମବାସୀ ଶନିବାରଠାରୁ ଜଳଯୋଗାଣ ପ୍ରତିଶ୍ରୁତି

କଳାହାଣ୍ଡି, ୨୬/୦୪(ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ସଂଗାୟତ ଡଳକାଳିମା ଗ୍ରାମବାସୀ ବର୍ଷବର୍ଷ ଧରି ବୃଷ୍ଟିତ ପାଣି ପିଉଛନ୍ତି । ଗାଁରେ ବସୁଧା ଜଳଯୋଗାଣ ପାଇଁ ଟାଙ୍କି ନିର୍ମାଣ ହୋଇ ବର୍ଷେ ହେଲାଣି । କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଉନାହିଁ । ଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ପାନୀୟଜଳ ଯୋଗାଇବାକୁ ନେଇ ଡଳକାଳିମା ଗ୍ରାମବାସୀ ଲାଞ୍ଜିଗଡ଼ ଡିଡିଓ ଶଙ୍କାଙ୍କ ବିଡିଓଙ୍କ ଦ୍ୱାରସ୍ଥ ଗ୍ରାମବାସୀ । ସୂଚନା ଅନୁସାରେ, ଏହି ଗାଁରେ ୫୫ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି । ୩ ଶହରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗାଁର ମୁଖ୍ୟ ସମସ୍ୟା ହେଉଛି ପାନୀୟଜଳ । ସଂଗାୟତ ମୁଖ୍ୟାଳୟଠାରୁ ମାତ୍ର ୫ କିମି ଦୂରରେ ଥିବା ବେଳେ ବର୍ଷ ବର୍ଷ ଧରି ଏହି ଗାଁରେ ପାନୀୟଜଳର ସମସ୍ୟା ଲାଗିରହିଛି । ଗ୍ରାମରେ ୨ଟି ନଳକୂପ ଅଛି । କିନ୍ତୁ ୨ଟିରେ ମାତ୍ର ମାସକୁ ଦୁଇ କମ୍ ପରିମାଣର ପାଣି ବାହାରୁଛି । ଗୋଟିଏ ହାଣ୍ଡି ପାଣି ପାଇଁ ଗଣ୍ଡା ଘଂଟା ଅପେକ୍ଷା କରିବାକୁ ପଡୁଛି । ତେଣୁ ଏହି ଦୁଇଟି ନଳକୂପରେ ୫୫ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ପାଣି ନିଆଁଟ ହେଉଛି ବୋଲି ଗାଁ ଲୋକେ କହିଛନ୍ତି । ୨୦୨୨ ମସିହାରେ ଖୋଳାଯାଇଥିବା ଗାଁରେ ୨ଟି ଗଭୀର ନଳକୂପ । କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ସରପଂଚ, ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିବା ପରେ ୨୦୨୫ରେ ଗାଁରେ ନିର୍ମାଣ ହୋଇଛି ବସୁଧା ପାଣି ଟାଙ୍କି । ଘରକୁ ଘର ପାଣି ପାଇପ ଲାଇନ ସଂଯୋଗ ମଧ୍ୟ ହୋଇଛି । କିନ୍ତୁ ସମ୍ପୂର୍ଣ୍ଣ ହୋଇ ୧ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟ ପଟେ କାମ ସାରି ପିଇବାର ଗାଧର ହୋଇ ଯାଇଥିବା ବେଳେ ବ୍ଲକ ଜଳଯୋଗାଣ ବାଲବ୍ରେରେ ଥିବା ବିଭାଗୀୟ ଯନ୍ତ୍ରୀ ଗ୍ରାମବାସୀଙ୍କ ଅଭିଯୋଗକୁ ଅତି ହାଲୁକାରେ ନେଉଛନ୍ତି । ତେବେ ଉକ୍ତ ଗାଁରେ ଗ୍ରୀଷ୍ମପ୍ରବାହ ଯୋଗୁଁ ପାନୀୟ ଜଳ ଘୋର ସମସ୍ୟା ଦେଖିବାକୁ ମିଳିଛି । ଏହାକୁ ନେଇ ଅସହ୍ୟ ପରେ ଆଜି ଡଳକାଳିମା ଗ୍ରାମର ପାଲି ମାଝୀ, ଡାକେ ମାଝୀ, ମଦନ ମାଝୀ, ଘନ ନାୟକ, କୃଷ୍ଣ ନାୟକ, ସୁକାନ୍ତ ନାୟକ, ମମତା ନାୟକ, ଭମିକା ନାୟକ, ହାରବତୀ ନାୟକ, ଚେଲ ଦେଇ ମାଝୀ, ମିଛୁ ଗୌଡ଼, ଚୁଇଗା ମାଝୀ, ଖୁଶୀଳା ନାୟକ ସମେତ ସମସ୍ତ ଗ୍ରାମବାସୀ ପ୍ରମୁଖ ଏକତ୍ରିତ ହୋଇ ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ଯାଇ ଲାଞ୍ଜିଗଡ଼ ଡିଡିଓଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେବାସହ ସମସ୍ୟାକୁ ଉପସ୍ଥାପନା କରିଛନ୍ତି । ଏହି ସମସ୍ୟାକୁ ଗୁରୁତ୍ୱର ସହିତ ନେଇ ଲାଞ୍ଜିଗଡ଼ ଡିଡିଓ ଶ୍ରୀ ସାହୁ ଯେଉଁଭଳି ମାଧ୍ୟମରେ ହେଉ ଆସନ୍ତା କାଲି ଶନିବାର ଦିନ ପାଲୁ ପ୍ରିକର ପାଣି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ସରକାରୀ ଶ୍ରମ ନିୟମକୁ ଫୁ, ୪୦ ଡିଗ୍ରୀ ତାପରେ ଖଟୁଛନ୍ତି ଶ୍ରମିକ

ବଣାଇଁ, ୨୬/୦୪(ଆ.ପ୍ର) : ଏବେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ଖରାର ପ୍ରକୋପ ମଧ୍ୟ ବଢି ଚାଲିଛି । ଗ୍ରୀଷ୍ମକୁ ଅଣ୍ଡା ଆରରେ ରଖି ସରକାର ଶ୍ରମିକ ମାନଙ୍କ ପାଇଁ ନୀତି ନିର୍ଦ୍ଧାରଣ ସ୍ଥିର କରିଛନ୍ତି । ସରକାରୀ ଭାବେ ଦେଇ କିମ୍ବା ବେସରକାରୀ ଭାବେ ଶ୍ରମିକ ମାନେ ଦୈନିକ ଅପରାଜ୍ଞ ୧୧ଟା ସୁଦ୍ଧା କାର୍ଯ୍ୟକ୍ଷେତ୍ର ଛାଡିବାକୁ ନିର୍ଦ୍ଦେଶ ନାମା ଜାରି ହୋଇଛି । କିନ୍ତୁ ପରିତାପର ବିଷୟ ଗୁଡୁଣ୍ଡିଆ ବ୍ଲକ୍ ଅନ୍ତର୍ଗତ ଜାଲୁଲୁଙ୍ଗୁଡ଼ି ଠାରେ ଥିବା ଏକଲବ୍ୟ ବିଦ୍ୟାଳୟରେ ନିର୍ମାଣ ହେଉଥିବା ବୁଲ ମହଲା ବିଶିଷ୍ଟ ଛୋଟରେ ବିପଦ ସଙ୍କୁଳ ଅବସ୍ଥାରେ ଶ୍ରମିକ ମାନେ ଦରଦରିଆ ଖରାରେ କାମ କରୁଛନ୍ତି । ସରକାରୀ ଆଇନକୁ ବେଖାତିର କରି ଏଠାରେ ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ତାପମାତ୍ରା ଥିବା ଦିନ ୧୨ ଘଣ୍ଟାରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ସବୁ ବେଭେ ଠିକାଦାର ଓ ଇଞ୍ଜିନିୟର ନିରବଦୃଷ୍ଟା ସାଜିଥିବାରୁ ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହି ପରି ଭାବେ ବିଜାଡିହି ନିକଟରେ ମଧ୍ୟ ପୂର୍ଣ୍ଣ ବିଭାଗ ରାସ୍ତା କାମ ଚାଲିଥିବାବେଳେ ସେଠାରେ ମଧ୍ୟ ମେସିନ ସହ ଶ୍ରମିକ ମାନେ ଉଦ୍ରଦରିଆ ଖରାରେ ଦିନ ୧୨ ଟା ସମୟରେ ରାସ୍ତା ଉପରେ କାମ କରୁଛନ୍ତି । ଶ୍ରମିକ ଠିକାଦାର ଓ ଠିକା ସଂସ୍ଥା ଶ୍ରମିକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନାହାନ୍ତି । ସେହିପରି ବଣାଇଁ ବ୍ଲକ ଅଂଚଳ ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗର ରାସ୍ତା ତଥା ଅନ୍ୟାନ୍ୟ କୋଠାବାଡି ନିର୍ମାଣ କାର୍ଯ୍ୟରେ ଶ୍ରମିକଙ୍କୁ ଦେଆଯାଇ ଲାଭେ ନିଯୁକ୍ତ କରାଯାଉଛି । ଶ୍ରମିକଙ୍କ ସୁରକ୍ଷା ପାଇଁ ଏହା ଉପରେ ଉପଶ୍ରମ ଶ୍ରମ ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।

ମସିଆଖାଲି ବିଦ୍ୟାଳୟର କୃତି ଛାତ୍ରୀ ଅନୁଷ୍କା



କୁଜୁଙ୍ଗଖଣ୍ଡି, ୨୬/୦୪(ଆ.ପ୍ର) : କୁଜୁଙ୍ଗଖଣ୍ଡି ବ୍ଲକ ଅନ୍ତର୍ଗତ ମସିଆଖାଲି ସରକାରୀ ବ୍ଲକ ପ୍ରାଥମିକ ବିଦ୍ୟାଳୟର ଅନୁଷ୍କା ସେଠୀ ଏକ ଗର୍ବ ଓ ଗୌରବର ବିଷୟ । ବର୍ତ୍ତମାନ ଶିକ୍ଷା ବର୍ଷ ପାଇଁ ନବୋଦୟ ବିଦ୍ୟାଳୟ ଚୟନ ପରୀକ୍ଷାରେ କେବଳ ଗୋଟିଏ ମାତ୍ର ଛାତ୍ରୀ ଭାବେ ସଫଳତା ହାସଲ କରି କୁଜୁଙ୍ଗଖଣ୍ଡି ବ୍ଲକ ପାଇଁ ସମ୍ମାନ ଆଣି ଦେଇଛନ୍ତି । ସେ ଉକ୍ତ ଚୟନ ତାଲିକାର ଅଣସଂରକ୍ଷିତ ରେ ୧୩ତମ ସ୍ଥାନ ହାସଲ କରିଛନ୍ତି । ସେହିପରି ସଦ୍ୟ ପ୍ରକାଶିତ ଆଦର୍ଶ ବିଦ୍ୟାଳୟ ଚୟନ ପରୀକ୍ଷାରେ ମଧ୍ୟ ଅଣସଂରକ୍ଷିତ ତାଲିକାରେ ୨୫ତମ ସ୍ଥାନ ହାସଲ କରିଛି । ଏପରି କୃତି ଛାତ୍ରୀ ପାଇଁ ଆଜି ମସିଆଖାଲି ବିଦ୍ୟାଳୟ ଗର୍ବ ଅନୁଭବ କରୁଛି । ୨୦୨୪ ମସିହରେ ମଧ୍ୟ ସେ ୩ୟ ଶ୍ରେଣୀ ସରକାରୀ କୃତି ପାଇଥିଲା । ଅନୁଷ୍କାଙ୍କ ବାପା ମନୋଜ କୁମାର ସେଠୀ ଝିଅକୁ ନବୋଦୟ ବିଦ୍ୟାଳୟରେ ପଢେଇବା ପାଇଁ ସ୍ଥିର କରିଛନ୍ତି । ଅନୁଷ୍କା ଏ ସବୁ ସଫଳତା ପାଇଁ ତାର ବାପା ମାଆ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶ୍ରେୟ ଦେଇଛନ୍ତି ।

ଏମସିଏଲ : କଣିହାଁ ପ୍ରକଳ୍ପର ନିର୍ମାଣ ବିଭାଗରେ ଅନିୟମିତତା

ଡାଳଚେର, ୨୬/୦୪(ଆ.ପ୍ର) : ମହାନଦୀ କୋଇଲା କମ୍ପାନୀର ଡାଳଚେରସ୍ଥିତ କଣିହାଁ ପ୍ରକଳ୍ପର ନିର୍ମାଣ ବିଭାଗ(ସିଭିଲ ଡିପାର୍ଟମେଂଟ) ପକ୍ଷରୁ କରାଯାଉଅଛି ବୋଲି ସିଭିଲ ଯନ୍ତ୍ରୀ ପ୍ରଚାର ପ୍ରଧାନ ଓ ତାଙ୍କର କେତେକ ସହଯୋଗୀ ଓଡରଶିଷ୍ଟର ପ୍ରକାଶ କରିଛନ୍ତି । ଏହି ରାସ୍ତା ନିମ୍ନମାନର ହୋଇଥିବାରୁ ଏହାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ସନ୍ଦେହ ଦେଖାଦେଇଛି । କେତେକ ଠିକା କାମକୁ ବଜାର ଦରଠାରୁ ୨୦/୩୦/୪୦ ପରସେଂଟ କମ ଦରରେ ଟେଣ୍ଡର ନେଇ କାମ ଶେଷ କରାଯାଉଥିବା ଅଭିଯୋଗ ହେଉଛି । ଅଥାତ, ବଜାରରେ ସିମେଂଟ ବସ୍ତା ପ୍ରତି ମୂଲ୍ୟ ୪୦୦ ଟଙ୍କା ଥିବାବେଳେ କଣିହାଁ ପ୍ରକଳ୍ପ ଠି

ସୀମାନ୍ତ
ଆରମ୍ଭ
SEITHO ARAMBHA
ସୋମବାର, ୨୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଚେନ୍ନାଇକୁ ୮ ୱିକେଟରେ ହରାଇଲା ଗିଲ୍ ବାହିନୀ

ଚେନ୍ନାଇ, ୨୬/୪(ନ୍ୟୁ.ଏ): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୭ତମ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗସ୍ ବିପକ୍ଷରେ ଗୁଜରାଟ ୦୦ ୱିକେଟ୍‌ରେ ବିଜୟୀ ହୋଇଛି । ୧୫୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଗୁଜରାଟ ୧୬.୪ ଓଭରରେ ୨ ୱିକେଟ୍ ହରାଇ ୧୬୨ ରନ୍ ସଂଗ୍ରହ କରିଛି । ଗୁଜରାଟର ବ୍ୟାଟିଂରେ କାମାଲାଡୀ ବ୍ୟାଟର ସାଇ ସୁଦର୍ଶନ ନାୟକ ସାଜିଛନ୍ତି । ଚେନ୍ନାଇର ସମ୍ପଦ ବୋଲରଙ୍କୁ ତାଙ୍କର ବ୍ୟାଟ୍ ବଳରେ ଜବାବ ଦେଇଛନ୍ତି । ସେ ୪୬ଟି ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ଏବଂ ୭ଟି ଛକା ବଳରେ ବ୍ୟକ୍ତିଗତ ଭାବେ ୮୭ ରନ୍ ସଂଗ୍ରହ କରିଛନ୍ତି । ଗୁଜରାଟର ଇନିଂସ ଆରମ୍ଭରୁ ଭଲ ଥିଲା । ଯୁବ ବ୍ୟାଟର ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁଭମନ ଗିଲ ପ୍ରଥମ ୱିକେଟ୍ ପାଇଁ ୫୮ ରନ୍‌ର ଭାଗିଦାରୀ କରିଥିଲେ । ଏଥିରୁ ଗିଲ୍ ବ୍ୟକ୍ତିଗତ ଭାବେ ୩୩ ରନ୍‌ର ଯୋଗଦାନ ଦେଇଥିଲେ । ସେ ଗୋଟିଏ ଚୌକା ଏବଂ ୩ଟି ଛକା ମାରିଥିଲେ । ଏହି ମ୍ୟାଚ୍‌ରେ ଗୁଜରାଟ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଫଳରେ ଆୟୋଜକ ଚେନ୍ନାଇ ବ୍ୟାଟିଂ କରିଥିଲା । ଦଳ ଗଡୁରାଜ ଗାଏକ୍‌ୱାଡ଼ଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା । ଇନିଂସ ଆରମ୍ଭରୁ ଚେନ୍ନାଇର ବ୍ୟାଟିଂ ମନ୍ଥର ଥିଲା । ଏହାର କାରଣ ଥିଲା ଦଳର ପ୍ରାରମ୍ଭିକ ବ୍ୟାଟର ମାନେ କ୍ରିଜ୍‌ରେ ଅଧିକ ସମୟ ପର୍ଯ୍ୟନ୍ତ ଟିକିଏ ପାରି ନଥିଲେ । ଦଳ ୮.୨ ଓଭରରେ ସ୍କୋର ୩୭ ରନ୍‌ରେ ୪ ଜଣ ଖେଳାଳିଙ୍କୁ ହରାଇଥିଲା । ଚେନ୍ନାଇ ଦଳର ସ୍କୋର ୨୧ ରନ୍‌ରେ ସଂକୁ ସାମସନ, ୨୫ ରନ୍‌ରେ ଉର୍ଭିଲ ପଟେଲ (୪ ରନ୍), ୨୬ ରନ୍‌ରେ ସର୍ପରାଜ ଖାନ (ଶୂନ୍ୟ ରନ୍) ଏବଂ ୩୭ ରନ୍‌ରେ ଡେଭ୍‌ାଲ୍ଡ ବ୍ରେଭିସ୍ (୨ ରନ୍) ଆଉଟ ହୋଇଥିଲେ । ଆଇପିଏଲ ଚଳିତ ସଂସ୍କରଣର ଅନ୍ୟତମ ବିସ୍ଫୋରକ ବ୍ୟାଟର ସଂକୁ ସାମସନ ମଧ୍ୟ ପଡ଼ିଆରେ ବେଶୀ ସମୟ ରହିପାରି ନଥିଲେ । ସେ ୧୫ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୧ ରନ୍ ସଂଗ୍ରହ କରିଥିଲେ ଏବଂ କାଗିସୋ ରାବଡ଼ାଙ୍କ ଭଲ୍ ଜୋସ ବଚ୍ଚରାଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ । ଚେନ୍ନାଇର ସମ୍ମାନଜନକ ସ୍କୋରରେ ଅଧିନାୟକ ଉପୁଲଥ ଗାଏକ୍‌ୱାଡ଼ଙ୍କ ବଡ଼ ଯୋଗଦାନ ଥିଲା । ସେ ଅପରାଜିତ ରହି ବ୍ୟକ୍ତିଗତ ଭାବେ ୭୪ ରନ୍ ସଂଗ୍ରହ କରିଥିଲେ । ୬୦ଟି ବଲ୍ ଖେଳି ୬ଟି ଚୌକା ଏବଂ ୪ଟି ଛକା ମାରିଥିଲେ । ସେହିପରି ମଧ୍ୟକ୍ରମର ବ୍ୟାଟର ଶିବମ ଦୁବେ ୨୨ ରନ୍, କାର୍ତ୍ତିକ ଶର୍ମାଙ୍କର ୧୫ ରନ୍ ଏବଂ ଜେମି ଓଭରଟନ୍ ୧୮ ରନ୍ ଯୋଗଦାନ ଦେଇଥିଲେ ।

ଆଘାତ ପରେ ପ୍ରତିକ୍ରିୟା ଦେଲେ ଲୁଙ୍ଗି ଏନ୍‌ଗିଡି

ନୂଆଦିଲ୍ଲୀ, ୨୬/୪(ନ୍ୟୁ.ଏ): ଦିଲ୍ଲୀ କ୍ୟାପିଟାଲ୍‌ସର ଦ୍ରୁତ ବୋଲର ଲୁଙ୍ଗି ଏନ୍‌ଗିଡିଗତକାଲି ପଞ୍ଜାବ କିଙ୍ଗସ ମ୍ୟାଚ୍‌ରେ ମୁଣ୍ଡରେ ଆଘାତର ଶିକାର ହୋଇଛନ୍ତି । ପଡ଼ିଆରେ ଆଘାତ ପାଇଲା ପରେ ଆଜି ସେ ତାଙ୍କର ପ୍ରଶଂସକମାନଙ୍କୁ ସ୍ୱାସ୍ଥ୍ୟ ସଂପର୍କିତ ଅପ୍‌ଡେଟ୍ ଦେଇଛନ୍ତି । ସେ କହିଛନ୍ତି, ମୁଁ ପୁରା ଠିକ୍ ଅଛି । ଦକ୍ଷିଣ ଆଫ୍ରିକାର ଏହି ଦ୍ରୁତ ବୋଲର ରବିବାର ଲକ୍ଷ୍ନୌଠାରେ ପୋଷ୍ଟ କରି ଲେଖିଛନ୍ତି, ବାର୍ତ୍ତା ପଠାଇଥିବାରୁ ଧନ୍ୟବାଦ ଲଣ୍ଡାଇଛି । ମୁଁ ଠିକ୍ ଅଛି । ଏନ୍‌ଗିଡିଙ୍କ ସୋସିଆଲ ମିଡିଆ ପୋଷ୍ଟ ପରେ ତାଙ୍କର ପ୍ରଶଂସକମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି । ଏନ୍‌ଗିଡିଙ୍କୁ ଦିଲ୍ଲୀ ମେଡ଼ ହସ୍‌ପିଟାଲରୁ ଡିସଚାର୍ଜ କରାଯାଇଛି । ସେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ମ୍ୟାଚ୍ ସମୟରେ ମୁଣ୍ଡ ଏବଂ ଗଳରେ ଆଘାତ ପାଇଥିଲେ । ଦିଲ୍ଲୀ କ୍ୟାପିଟାଲ୍‌ସର ଅଧ୍ୟକ୍ଷ ସାଉରଭ ଗାଙ୍গୁଲି ମଲିକ ଜିନ୍ଦଲ କୁମାର ଗାନ୍ଧୀ ହସ୍‌ପିଟାଲକୁ ଯାଇ ଗେଡିଥିଲେ । ଏହି ଘଟଣା ପଞ୍ଜାବର ଇନିଂସ ସମୟରେ ଘଟିଥିଲା । ପଞ୍ଜାବ ବ୍ୟାଟିଂ କରୁଥିବା ବେଳେ ଦିଲ୍ଲୀ ବୋଲିଂ କରୁଥିଲା । ବୋଲିଂର ତୃତୀୟ ଓଭରରେ ୩ୟ ବଲରେ ଏହି ଅଘଟଣ ଘଟିଥିଲା । ସେହି ସମୟରେ ଦିଲ୍ଲୀ କ୍ୟାପିଟାଲ୍‌ସର ଅଧିନାୟକ ଅକ୍ଷର ପଟେଲ ବୋଲିଂ କରୁଥିଲେ । ପଞ୍ଜାବ ପାଇଁ ପ୍ରିୟାଂଶ ଆର୍ଯ୍ୟ ବ୍ୟାଟିଂ କରୁଥିଲେ । ପ୍ରିୟାଂଶ ମିଡ୍-ଅଫ୍ ଦିଗରେ ଏକ ଦଢ଼ ସଟ୍ ମାରିବାକୁ ଉଦ୍ୟମ କରିଥିଲେ । ଏନ୍‌ଗିଡି କ୍ୟାଚ୍ ଧରିବାକୁ ପଛରୁ ଦୌଡ଼ିଥିଲେ । କିନ୍ତୁ କ୍ୟାଚକୁ ଅଟକାଇ କରିପାରି ନଥିଲେ । କ୍ୟାଚ୍ ଉଦ୍ୟମ ସମୟରେ ତାଙ୍କର ମୁଣ୍ଡର ପଛଭାଗ ମାଟିରେ ଧକ୍କା ହୋଇଥିଲା । ଲୁଙ୍ଗି ଏନ୍‌ଗିଡିକୁ ତୁରନ୍ତ ଏକ ଆମ୍ବୁଲାନ୍ସ ମାଧ୍ୟମରେ ଡାକ୍ତର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଆଶ୍ଚର୍ଯ୍ୟର କଥା ହେଲା ଯେ, ତାଙ୍କୁ ଶନିବାର ଦିନମିତ ରାତିରେ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଛି । ତାଙ୍କର ଚିକିତ୍ସା ପାଇଁ ଦିଲ୍ଲୀ ପୁଲିସ ମାତ୍ର ୧୧ ମିନିଟରେ ଗ୍ରିନ କରିଡର ପ୍ରସ୍ତୁତ କରିଥିଲା । ଲୁଙ୍ଗି ଏନ୍‌ଗିଡିଙ୍କ ଆଘାତ ମାରାତ୍ମକ ନୁହେଁ ବୋଲି ଡାକ୍ତର କହିଛନ୍ତି । ସୂଚନାଯୋଗ୍ୟ, ଆଇପିଏଲ୍ ୨୦୨୬ର ୩୫ତମ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଶନିବାର ଖେଳାଯାଇଥିଲା । ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି କେଏଲ୍ ରାହୁଲଙ୍କ ଅପରାଜିତ ୧୫୨ ରନ୍ ବଳରେ ୨୬୪ ରନ୍ ସଂଗ୍ରହ କରିଥିଲା । ପଞ୍ଜାବ ବିଜୟ ଲକ୍ଷ୍ୟ ୨୬୫ ରନ୍‌ରୁ ୧୮.୫ ଓଭରରେ ୪ଟି ୱିକେଟ ହରାଇ ହାସଲ କରିଥିଲା ।

ରାଜ୍ୟ କନିଷ୍ଠ ମହିଳା ହକି: ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ବିଜେତା

ରାଉରକେଲା, ୨୬/୪(ଆ.ପ୍ର.): ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୫ମ ରାଜ୍ୟସ୍ତରୀୟ କନିଷ୍ଠ ମହିଳା ହକି ପ୍ରତିଯୋଗିତାରୁ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ଜିତିଛି । ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଦଳ ୨-୧ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାଜୟରେ ଗଳିଅନ ଆଖ୍ୟା ଅର୍ଜନ କରିଛି । ଅପରପକ୍ଷରେ ନୟାଗଡ଼କୁ ୩-୨ ଗୋଲ୍‌ରେ ପରାଜୟରେ ରାଉରକେଲା କ୍ରୀଡ଼ା ଛାତ୍ରାବାସ ତୃତୀୟ ସ୍ଥାନ ଅଧିକାର କରିଛି । ରବିବାର ଅପରାହ୍ନରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ କଡ଼ା ଟକ୍ଚର ଦେଖିବାକୁ ମିଳିଥିଲା । ମ୍ୟାଚ୍‌ର ୨୦ତମ ମିନିଟ୍‌ରେ କ୍ରୀଡ଼ା ଛାତ୍ରାବାସ ଛାତ୍ରାବାସକୁ ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ହାତଛଡ଼ା କରି ଅଳିତା ଗୋଲ୍ ଦେଇ ଟ୍ରୋ ?କୁ ୨-୦ ଗୋଲ୍‌ରେ ପଛକୁ ପକାଇଥିଲେ । ତେବେ ୩୮ତମ ମିନିଟ୍‌ରେ ସୁନ୍ଦରଗଡ଼ର ନମ୍ରତା ମିଞ୍ଜ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ବ୍ୟବଧାନକୁ ହ୍ରାସ କରିଥିଲେ । ଶେଷ କ୍ୱାର୍ଟରରେ ଉଭୟ ଦଳ ଆକ୍ରମଣକୁ ଶାଣିତ କରିଥିଲେ ମଧ୍ୟ କେହି ଗୋଲ୍ ସ୍କୋର କରିନପାରିବାରୁ କ୍ରୀଡ଼ା ଛାତ୍ରାବାସ ୨-୧ରେ ବିଜୟୀ ହୋଇଥିଲା । ଫାଇନାଲ ମ୍ୟାଚ୍‌ରୁ ସେରାଫାମ୍ବଲସ୍ଟ ସାହୁ ଓ ଲକ୍ଷ୍ମୀ ଏକ୍କା ପରିଚାଳନା କରିଥିବାବେଳେ ସଂଚିତା ସ୍ୱାଇଁ, ମାଦୁଶକ୍ତି ଉଣା, ନିତୁମା ପଣ୍ଡା ଓ ପିଙ୍କି ନାୟକ ସହଯୋଗ କରିଥିଲେ । ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସର ଅଳିତା ମିଞ୍ଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଅଳିତା ଏକ୍କା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ଗୋଲ୍ କିପର ସାଉରିତା ଖାଡ଼ିଆ (ରାଉରକେଲା କ୍ରୀଡ଼ା ଛାତ୍ରାବାସ), ଶ୍ରେଷ୍ଠ ଡିଫେଣ୍ଡର ସାନିଆ ମିଞ୍ଜ (ସୁନ୍ଦରଗଡ଼), ଶ୍ରେଷ୍ଠ ମିଡ୍‌ଫିଲ୍ଡର ଜାନ୍ହବୀ ଗାଡ଼ା (ନୟାଗଡ଼) ପୁରସ୍କୃତ ହୋଇଥିଲେ । ସୁଭାଷାର ଦିଗରଣୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି କୃଷି ଉତ୍ପାଦନ ବିଭାଗର ସଚିବ ମୀନାକ୍ଷୀ ନିର୍ବେଶକ ଦାମ୍ପି ପଟେଲ, ଅଲିମ୍ପିଆନ ରାଜ୍ୟପାଳ ବର୍ଲା, ଚରିତ୍ର ପ୍ରଶିକ୍ଷକ ତଥା ରାଉରକେଲା କ୍ରୀଡ଼ା ଛାତ୍ରାବାସ ଅଧ୍ୟକ୍ଷା ରାଜୁ ଚରଣ ଚୌଧୁରୀ, ଜଜି ଓଡ଼ିଶା ନିର୍ବେଶକ ବି.ଜେ. କାଲିଆପ୍ପା ପ୍ରମୁଖ ଉପସ୍ଥିତ ଥିଲେ ।

ଇରାନ ଆକ୍ରମଣରେ ଆମେରିକା ଘାଟିଗୁଡ଼ିକର ବ୍ୟାପକ କ୍ଷୟକ୍ଷତି

ୱାଶିଂଟନ, ୨୬/୪(ନ୍ୟୁ.ଏ): ପାରସ୍ୟ ଉପସାଗରରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକରେ ହୋଇଥିବା ଇରାନ ଆକ୍ରମଣରେ ଦ୍ୱାପାକ କ୍ଷତିଗ୍ରସ୍ତ ହୋଇଛି । ଏପର୍ଯ୍ୟନ୍ତ ସର୍ବସାଧାରଣରେ ଘୋଷିତ କ୍ଷୟକ୍ଷତି ଅପେକ୍ଷା ଧ୍ୱଂସର ପରିମାଣ ବହୁତ ଅଧିକ ଏବଂ ମରାମତି ପାଇଁ କୋଟି କୋଟି ଡଲାର ଖର୍ଚ୍ଚ ହେବ ବୋଲି ଅଧିକାରୀମାନେ କହିଛନ୍ତି । ଫେବୁଆରି ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନ ଏହି ଅଂଚଳର ଅନେକ ଦେଶରେ ଆକ୍ରମଣ କରିଛି । ଏହା ଅତି କମ୍‌ରେ ସାତୋଟି ଦେଶର ଗୁରୁତ୍ୱପୂର୍ଣ୍ଣ ସାମରିକ ସ୍ଥାନକୁ ଆକ୍ରମଣ କରିଛି, ଯେଉଁଥିରେ ଷ୍ଟୋରେଜ୍ ଗୋଦାମ, କମାଣ୍ଡ ସେଂଟର, ବିମାନ ହ୍ୟାଙ୍ଗର ଓ ଉପଗ୍ରହ ଯୋଗାଯୋଗ ବ୍ୟବସ୍ଥାକୁ ଟାର୍ଗେଟ୍ କରାଯାଇଛି । ଏହା ଇନଡ୍ରେ, ରାଡାର୍ ସିଷ୍ଟମ୍ ଏବଂ ଏପରିକି କିଛି ବିମାନକୁ ମଧ୍ୟ କ୍ଷତି ପହଞ୍ଚାଇଥିଲା, ଯାହା ସାମରିକ ଗତିବିଧି ଓ ନିରୀକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଇରାନ ଆକ୍ରମଣରେ ପ୍ରକୃତରେ କେତେ କ୍ଷୟକ୍ଷତି ହୋଇଛି ସେ ବିଷୟରେ ଆମେରିକାର ପ୍ରତିରକ୍ଷା ବିଭାଗ ସମ୍ପୂର୍ଣ୍ଣ ବିବରଣୀ ସେୟାର କରିନାହିଁ । ଏପରିକି ସେହି ଅଂଚଳରେ ସାମରିକ ଅଭିଯାନ ପରିଚାଳନା କରୁଥିବା ୟୁଏସ୍ ସେଂଟ୍ରାଲ୍ କମାଣ୍ଡ ମଧ୍ୟ କ୍ଷୟକ୍ଷତିର ପରିମାଣ ବିଷୟରେ କୌଣସି ମନ୍ତବ୍ୟ ଦେବାକୁ ମନା କରି ଦେଇଛି । କିଛି ରିପବ୍ଲିକାନ୍ ସାଂସଦ ସ୍ୱଚ୍ଛତାର ଅଭାବକୁ ନେଇ କ୍ରୋଧିତ ଓ ନିରାଶ ହୋଇଛନ୍ତି । ଜଣେ ସଦସ୍ୟୋତ୍ତା ଏହା ମଧ୍ୟ କହିଛନ୍ତି ଯେ ସେମାନେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଚିତ୍ର ଜାଣି ନାହାନ୍ତି । ଇରାନ ଯୁଦ୍ଧକୁ ପାଣି ଯୋଗାଇବା ପାଇଁ ଫେଂଟାଗନ୍ ଆମେରିକା କଂଗ୍ରେସକୁ ୨୦୦ ବିଲିୟନ ଡଲାରରୁ ଅଧିକ ମାଗିଥିବା ଜଣାଯାଇଛି । ସଂଘର୍ଷର ପ୍ରଥମ ସପ୍ତାହରେ ଆମେରିକା ଏହାର ସାମରିକ ଅଭିଯାନ ପାଇଁ ୧୧ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରିସାରିଛି ।ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଟ୍ରମ୍ପ ୧.୫ ଟ୍ରିଲିୟନ ଡଲାରର ପ୍ରତିରକ୍ଷା ବଜେଟ୍ ପାଇଁ ଆହ୍ୱାନ ଦେଇଥିଲେ, ଯାହା ପୂର୍ବ ବର୍ଷ ତୁଳନାରେ ୫୦ ପ୍ରତିଶତରୁ ଅଧିକ । ଆମେରିକା କଂଗ୍ରେସ ୨୦୨୬ ପାଇଁ ୮୩୮.୫ ବିଲିୟନ ଡଲାରର ପ୍ରତିରକ୍ଷା ବଜେଟକୁ ଅନୁମୋଦନ କରିସାରିଛି ।

ହରଭଜନ ସିଂହଙ୍କୁ ମିଳିଲା କେନ୍ଦ୍ରୀୟ ସୁରକ୍ଷା ବଳୟ

ଜଳନ୍ଧର, ୨୬/୪(ନ୍ୟୁ.ଏ): ପୂର୍ବତନ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂହଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସିଆରପିଏଫ ସୁରକ୍ଷା ପ୍ରଦାନ କରାଯାଇଛି । ଆମ ଆଦମୀ ପାର୍ଟି ଛାଡ଼ି ଭାରତୀୟ ଜନତା ପାର୍ଟିରେ ସାମିଲ ହେବା ପରେ ତାଙ୍କ ପ୍ରତି ବିପଦ ବଢ଼ିଥିବା ଆଶଙ୍କା କରି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି । ସୂଚନା ଅନୁଯାୟୀ, ଗତ ଶନିବାର ପଞ୍ଜାବର ଜଳନ୍ଧର ସ୍ଥିତ ହରଭଜନଙ୍କ ବାସଭବନ ବାହାରେ ଆପ୍ କର୍ମୀମାନେ ତୀବ୍ର ବିରୋଧ ପ୍ରଦର୍ଶନ କରିବା ସହ ତାଙ୍କର ବନ୍ଦବନ୍ଦକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ଘଟଣାର ମାତ୍ର ଗୋଟିଏ ଦିନ ପରେ କେନ୍ଦ୍ର ସରକାର ତାଙ୍କୁ କେନ୍ଦ୍ରୀୟ ସୁରକ୍ଷା ବଳୟ ଯୋଗାଇ ଦେଇଛନ୍ତି । ଏବେ ଦିଲ୍ଲୀ ଓ ପଞ୍ଜାବରେ ସିଆରପିଏଫ କମାଣ୍ଡୋମାନେ ତାଙ୍କ ସୁରକ୍ଷା ଦାୟିତ୍ୱରେ ରହିବେ । ହରଭଜନ ସିଂହ ସେହି ସାତ ଜଣ ସାଂସଦଙ୍କ ମଧ୍ୟରୁ ଜଣେ, ଯେଉଁମାନେ ରାଘବ ଚଢ଼ାଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି ପରିତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି । ତାଙ୍କୁ କେନ୍ଦ୍ରୀୟ ସୁରକ୍ଷା ମିଳିବା ପୂର୍ବରୁ ପଞ୍ଜାବ ପୋଲିସ ତାଙ୍କ ସୁରକ୍ଷା ବ୍ୟବସ୍ଥାରୁ ପ୍ରତ୍ୟାହାର କରିନେଇଥିବା ରିପୋର୍ଟ ପ୍ରକାଶ ପାଇଥିଲା । ପୂର୍ବରୁ ତାଙ୍କ ପାଖରେ ୯ ରୁ ୧୦ ଜଣ ପୋଲିସ କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ଥିବା ବେଳେ ଶନିବାର ସେମାନଙ୍କୁ ହଟାଇ ଦିଆଯାଇଥିଲା । ତେବେ ରବିବାର ସକାଳୁ ଜଳନ୍ଧରସ୍ଥିତ ତାଙ୍କ ବାସଭବନ ବାହାରେ ସିଆରପିଏଫ ଯବାନମାନଙ୍କୁ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି । ଏହି ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ବିଜେପିରେ ସାମିଲ ହେବା ପରେ ହରଭଜନଙ୍କୁ ଆଉ କର୍ମୀଙ୍କ ରୋଷର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ତାଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି । ରାଜନୈତିକ ବିରୋଧ ଯୋଗୁଁ ଜଣେ ସାଂସଦଙ୍କ ସୁରକ୍ଷା ବ୍ୟବସ୍ଥାରେ ଏଭଳି ପରିବର୍ତ୍ତନ ଆଗାମୀ ଦିନରେ ପଞ୍ଜାବ ରାଜନୀତିରେ ଆଉ କେଉଁ ନୂଆ ମୋଡ଼ ଆଣିବ, ତାହା ଦେଖିବାକୁ ବାକି ରହିଲା ।

ଧିରେନ୍ଦ୍ର ଶାସ୍ତ୍ରୀଙ୍କ ଶିବାଜୀ ମନ୍ତବ୍ୟକୁ ନେଇ ନଗିନା ସାଂସଦ ଉଠାଇଲେ ପ୍ରଶ୍ନ

ନୂଆଦିଲ୍ଲୀ, ୨୬/୪(ନ୍ୟୁ.ଏ): ମହାରାଷ୍ଟ୍ରର ନାଗପୁରରେ ବାଗେଶ୍ୱର ଧାମର ମୁଖ୍ୟ ପୂଜକ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀଙ୍କ ଛତ୍ରପତି ଶିବାଜୀ ମହାରାଜଙ୍କ ସମ୍ପର୍କରେ ଏକ ବିବାଦୀୟ ବୟାନ ମହାରାଷ୍ଟ୍ରରେ ଝଡ଼ ସୃଷ୍ଟି କରିଛି । ଯାହାପରେ ସେ ସମାଲୋଚନାର ଶିକାର ହୋଇଛନ୍ତି । ନଗିନା ସାଂସଦ ଚନ୍ଦ୍ରଶେଖର ଆଜାଦ ଏହାକୁ ବହୁଜନ ସମାଜର ଅପମାନ ବୋଲି କହିବା ସହ କ୍ଷମା ମାଗିବାକୁ ଦାବି କରିଛନ୍ତି । ଏହି ମାମଲା ଧିରେ ଧିରେ ବୃଦ୍ଧି ପାଉଥିବା ଦେଖି ଧୀରେନ୍ଦ୍ର ଶାସ୍ତ୍ରୀ ଶେଷରେ ନିଜର ମତ ସ୍ପଷ୍ଟ କରି ଏକ ଭିଡ଼ିଓ ଜାରି କରି କହିଥିଲେ, 'ଆମେ ଶିଷ୍ୟ-ଗୁରୁ ପରମ୍ପରାର ଏକ ଜଳନ୍ତ ଉଦାହରଣ ଦେଉଥିଲୁ । ଏଥିରେ ମହାରାଜା ଶିବାଜୀଙ୍କ ବିଷୟରେ ଅପମାନଜନକ କିଛି ନାହିଁ । ଏହା ଅନାବଶ୍ୟକ ଅଟେ' । ନାଗପୁରରେ ଏକ କାର୍ଯ୍ୟକ୍ରମ ସମୟରେ ଧୀରେନ୍ଦ୍ର ଶାସ୍ତ୍ରୀ ବାଡି କରିଥିବାରେ ଯେ, ଶିବାଜୀ ମହାରାଜ ଯୁଦ୍ଧ କରି କ୍ଲାନ୍ତ ହୋଇଯାଇଥିଲେ ଏବଂ ସମର୍ଥ ରାମଦାସ ସ୍ୱାମୀଙ୍କୁ ତାଙ୍କର ମୁକୁଟ ହସ୍ତାନ୍ତର କରିବାକୁ ଚାହୁଁଥିଲେ । ଏହି ସମୟରେ ମଂଚରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍ ଏବଂ ଆରଏସଏସ ମୁଖ୍ୟ ମୋହନ ଭାଗବତ ମଧ୍ୟ ଉପସ୍ଥିତ ଥିଲେ । ଏହାପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଅନେକ ବହୁଜନ ସଂଗଠନ ଏହାର ପ୍ରତିବାଦ କରିଥିଲେ । ନଗିନା ସାଂସଦ ଚନ୍ଦ୍ରଶେଖର ଆଜାଦ ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ବୟାନ ଉପରେ କଠୋର ଆକ୍ରମଣ କରିଛନ୍ତି । ସେ କହିଛନ୍ତି ଯେ, ଏହା ଐତିହାସିକ ଭାବରେ ଭୁଲ ଏବଂ ବହୁଜନ ବୀରମାନଙ୍କ ମର୍ଯ୍ୟାଦା ଉପରେ ଆକ୍ରମଣ । ସାଂସଦ ଚନ୍ଦ୍ରଶେଖର ଆଜାଦ ଟ୍ୱିଟ୍ କରି ଲେଖିଛନ୍ତି ଯେ, ଶିବାଜୀ ମହାରାଜ ଲ୍ୟାନ୍ତ ହୋଇଯାଇଥିଲେ ଏବଂ ତାଙ୍କର ମୁକୁଟ ତ୍ୟାଗ କରିବାକୁ ଚାହୁଁଥିଲେ ବୋଲି କହିବା ତାଙ୍କ ଅବମାନ ସାହସର ଅପମାନ ।

ଆଗୁଆ ଜାମିନ ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେଲେ ପବନ ଖେଡ଼ା

ନୂଆଦିଲ୍ଲୀ, ୨୬/୪(ନ୍ୟୁ.ଏ): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପତ୍ନୀଙ୍କ ବିରୋଧରେ ଅଭିଯୋଗ ଆଣିଥିବା ମାମଲାରେ ଗୌହାଟୀ ହାଇକୋର୍ଟ ଆଗୁଆ ଜାମିନ ଦେବାକୁ ମନା କରିବା ପରେ କଂଗ୍ରେସ ନେତା ପବନ ଖେଡ଼ା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗିରପଦାରୀରୁ ସୁରକ୍ଷା ଏବଂ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ଖେଡ଼ା ରବିବାର ସର୍ବୋଚ୍ଚ ନ୍ୟାୟାଳୟରେ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନ ଦାଖଲ କରିଛନ୍ତି । ଏହି ଆବେଦନ ମୁଖ୍ୟମନ୍ତ